# ଏ କିଏ?

ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ। ପ୍ରଭୁଙ୍କ ଘରକୁ ଆସି ପାରିବା ଏହା ଅତ୍ୟନ୍ତ ମନୋହର ଅଟେ।

2 ମୁଁ ଭାବୁଛି ଯେ କିଛି ସମୟ ପୂର୍ବରୁ, ମୁଁ କିଛି ଶାସ୍ତ୍ର ଅଧ୍ୟୟନ କରୁଥିଲି, ଏବଂ ଏହା କହୁଥିଲା ଯେ ଯେତେବେଳେ ଯୀଶୁ ଯିରୁଶାଲମର ନିକଟବର୍ତ୍ତି ହୋଇଥିଲେ, ସେତେବେଳେ ଶିଷ୍ୟମାନେ ସେମାନଙ୍କର ଚକ୍ଷୁଗୁଡିକୁ ଉପରକୁ ଉଠାଇଲେ ଏବଂ ଦୂରରୁ ସେହି ପବିତ୍ର ନଗରୀକୁ ଦେଖିଲେ, ଏବଂ ସେମାନେ ଆନନ୍ଦ କରିବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ, ଯେ, "ବର୍ତ୍ତମାନ ରାଜ୍ୟ ପୁନଃସ୍ଥାପିତ କରାଯିବ।"

3 ଏବଂ ଏହି ନିର୍ଦ୍ଦିଷ୍ଟ ବ୍ୟକ୍ତି ଯିଏକି ଏହି ନିକଟ ସମୟରେ ପାଲେଷ୍ଟାଇନ ଗସ୍ତ ବିଷୟରେ କହୁଥିଲେ, କିମ୍ବା କଥାବାର୍ତ୍ତା କରୁଥିଲେ, ଏବଂ ସେ କହୁଥିଲେ ଯେ ଲୋକମାନେ ବର୍ତ୍ତମାନ, ଏହି ଗତ ବର୍ଷରେ, ଏପରି ଏକ ସ୍ଥାନକୁ ଆସୁଅଛନ୍ତି ଯାହାକି, ଯେତେବେଳେ ସେମାନେ ଉପତ୍ୟକାରୁ ଆସିଥିଲେ ଏବଂ ସେହି ବକ୍ର ପଥ ଆଡକୁ ଦୃଷ୍ଟି କଲେ, ସେହି ସମାନ ପଥ ଯେଉଁଥିରେକି ଯୀଶୁ ଏବଂ ଶିଷ୍ୟମାନେ ସେହି ସମୟରେ ରହିଥିଲେ, ଯେତେବେଳେ ସେମାନେ ନଗରକୁ ଦେଖିଥିଲେ, କାନ୍ଦିବାକୁ ଲାଗିଥିଲେ।

4 ଆପଣ ଜାଣନ୍ତି, ମୁଁ ବିଶ୍ୱାସ କରେ, ଯେ ସେଠାରେ କୌଣସି ବିଷୟ ରହିଥିଲା ଯାହାକି ସେହି ଶିଷ୍ୟମାନେ, ସେହି ଦିନମାନଙ୍କରେ, ଅନୁଭବ କରିଥିଲେ, ଯେ—ଯେ ସେହି ରାଜ୍ୟ ପୁଣିଥରେ ପୁନଃସ୍ଥାପିତ କରାଯିବ।

5 ଏବଂ ବର୍ତ୍ତମାନ ଏହା ପ୍ରାୟଃ ସମୟ ହୋଇ ଯାଇଅଛି। ଏବଂ ମୁଁ ବିଶ୍ୱାସ କରେ ଯେ ତାହା ସେହି ଭାବନା ଅଟେ ଯାହାକି ଲୋକମାନଙ୍କ ଉପରେ ଅଛି, ଯେ ସେହି ରାଜ୍ୟ ପୁଣିଥରେ ପୁନଃସ୍ଥାପିତ ହେବା ନିମନ୍ତେ ପ୍ରାୟଃ ପ୍ରସ୍ତୁତ ଅଟେ।

6 ଭାଇ ନେଭିଲ୍, ଆମର ଦୟାଳୁ ଏବଂ ଆଶୀଷିତ ପାଳକ, ମୋତେ ଏଠାରେ ଆରାଧନାଳୟରେ ହେବାକୁ ଥିବା ଏକ ଆଗାମୀ ଉଦ୍ଦୀପନା ପ୍ରୟାସ ବିଷୟରେ, ଯାହାକି କେତେକ ରାତ୍ରିରେ ଅନୁଷ୍ଠିତ ହେବ, ପ୍ରାର୍ଥନା କରିବା ପାଇଁ କହିଛନ୍ତି। ଏବଂ ମୁଁ ତାଙ୍କୁ କହିଲି, ମୁଁ ଭାବୁଛି ଯେ ଏହା ଏକ ଆଶୀଷିତ ବିଷୟ ହେବ।

7 ଆପଣ ବହୁତ ଅଧିକ ଉଦ୍ଦୀପନା ସଭା କରି ହିଁ ପାରନ୍ତି ନାହିଁ। ଏବଂ ଅନେକ ଥର ଆମେ ଏକ ଉଦ୍ଦୀପନାର ଭୁଲ ଧାରଣା ନେଇଥାଉ। ଏକ ଉଦ୍ଦୀପନା ନୂତନ ସଦସ୍ୟମାନଙ୍କୁ ଆଣିବା ପରି ଏପରି କିଛି ନୁହେଁ, ମାତ୍ର ଏହା ତ ଯାହା ଆମ ପାଖରେ ଅଛି ତାହାକୁ ଉଦ୍ଦୀପିତ କରିବା ଅଟେ। ଏବଂ ମୁଁ…

8 ମୁଁ ଏହା କହିବାକୁ ପସନ୍ଦ କରେ, କାରଣ ମୁଁ ଏହାକୁ ମୋର ହୃଦୟର ଗଭୀରତାରୁ କହିଥାଏ । ଯେ ମୁଁ ଆରାଧନାଳୟର ଆଖପାଖରେ ଅପେକ୍ଷାକୃତ ଏକ ଭିନ୍ନ ଅନୁଭୁତି ପାଇବା ଆରମ୍ଭ କରେ ଯାହା ଦୀର୍ଘ ଦିନ ଧରି ରହିଆସିଛି, ଏକ ଗଭୀର ଆତ୍ମିକ ଭାବନାର—ର ଏକ ଅନୁଭୁତି, ଯେପରିକି ଏହା ବହୁତ ପୂର୍ବରୁ, ହେଉ ଥିଲା; ଯେ ଏପରି କିଛି ବିଷୟ ଯାହାକି ସ୍ଥିର ହୋଇଥାଏ, ଏବଂ ଏହାର ପ୍ରକୃତରେ ଏକ ଭିତ୍ତିଭୂମି ରହିଥାଏ । ଏବଂ ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଏହି ଛୋଟ ମଣ୍ଡଳୀକୁ ଆଶୀର୍ବାଦ କରିବେ, ଏବଂ...?...ପୁନର୍ବାର ଏହାର ଶକ୍ତିରେ ।

9 ଏବଂ ମୁଁ ଦେଖୁଛି ଯେ ଭବନ କାର୍ଯ୍ୟକ୍ରମଟି ଚାଲିଛି, ଏବଂ ମୁଁ ଭାବୁଛି ଯେ ତାହା ଏକ ମହାନ ବିଷୟ ଅଟେ । କାରଣ, ଅନତି ଶୀଘ୍ର ଅବା ବିଳମ୍ବରେ, ଆମେ ବୟସ୍କ ଲୋକମାନେ ସେହି କବଚକୁ କାଢି ନେବାକୁ ଯାଉଅଛୁ ଏବଂ ତାକୁ ଆମ ପିଲାମାନଙ୍କ ହାତରେ ହସ୍ତାର୍ପଣ କରିବାକୁ ଯାଉଅଛୁ, ଏବଂ ସେହି ସୁବର୍ଣ୍ଣ ପାହାଚ ଚଢି ଉପରକୁ ଚାଲି ଯିବାକୁ ଯାଉଅଛୁ ।

10 ବର୍ତ୍ତମାନ ଅନ୍ୟ ଦିନ ମୁଁ ସେହି ଅଧା-ବାଟର ଚିହ୍ନକୁ ଅତିକ୍ରମ କଲି, ପଚାଶ ବର୍ଷ ବୟସର ହେଲି । ମୁଁ କେବଳ ତାହା ହୃଦୟଙ୍ଗମ କରିପାରେ ନାହିଁ । ଏପରି ଲାଗୁ ନାହିଁ ଯେପରିକି ଏହା ବହୁତ ଅଧିକ ସମୟ ହୋଇନାହିଁ ଯେତେବେଳେକି ମୁଁ କ୍ରିସ୍‌ମେସ୍‌ନରଙ୍କ ପାଇଁ ଖାଦ୍ୟ ସାମଗ୍ରୀ ନେଇକରି ଯାଉଥିଲି, ପ୍ରାୟଃ ଅଠର, ଷୋହଳ, ଅଠର ବର୍ଷ ବୟସର ଥିଲି । ମାତ୍ର ଠିକ କେଉଁଠାକୁ ଚାଲିଗଲା । ଏହା କେବଳ ଦର୍ଶାଇବାକୁ ଯାଏ ଯେ ଏଠାରେ ଆମର କୌଣସି ଚିରନ୍ତନ ନଗର ନାହିଁ, ମାତ୍ର ଆମେ ଗୋଟିଏର ଆଗମନର ଅପେକ୍ଷା କରୁଅଛୁ । ଏବଂ ତାହା ସେହି ନଗର ଅଟେ ଯାହାର ନିର୍ମାଣକାରୀ ପରମେଶ୍ୱର ଅଟନ୍ତି, ଏବଂ ସେଠାରେ କେବେହେଲେ କୌଣସି ଶେଷ ହେବ ନାହିଁ ।

11 ଆଜି ସକାଳେ, ଯେତେବେଳେ ମୁଁ ମାତୃ ଦିବସର ପ୍ରସଙ୍ଗରେ କହୁଥିଲି, ଏବଂ ମାତାଙ୍କୁ ସେଠାରେ ରଖିବାକୁ ଚେଷ୍ଟା କରିଥିଲି ଯେପରିକି ସେ ପ୍ରକୃତରେ, ବୃଦ୍ଧାବସ୍ଥାରେ, କୁଞ୍ଚନ ସହିତ, ଏବଂ ଏହି ସବୁ ସହିତ ଅଟନ୍ତି, ତାଙ୍କର ସାହାରା ବାଡି, କିମ୍ବା ଏକ ପୁରୁଣା ଚକଲଗା ଚୌକି, କିମ୍ବା ବାହୁ ଚୌକି, ଆଉ ତାଙ୍କ ପାର୍ଶ୍ୱରେ ଏକ ଛୋଟ ଫୁଲ ଗମଲା ରହିଥାଏ ସେହିପରି ନୁହେଁ; ମାତ୍ର ସେହି ପୁନରୁତ୍ଥାନରେ ମାତା, ନିଜ ଯୌବନନାବସ୍ଥାକୁ ପୁନଃସ୍ଥାପିତ କରା ହୋଇ, ଜଣେ ରାଣୀ ପରି ଉଜ୍ଜ୍ୱଳ ଭବରେ, ଛିଡା ହୋଇଥାନ୍ତି । ସେହିପରି ଭାବରେ ହିଁ ମୁଁ ମୋର ମାଆ ବିଷୟରେ ଚନତା କରିବାକୁ ପସନ୍ଦ କରେ । ମୁଁ ତାଙ୍କ ବିଷୟରେ ଯେପରିକି ସେ ଆଜି ଅଛନ୍ତି, ବୃଦ୍ଧ ଭାବରେ ଚିନ୍ତା କରିବାକୁ ପସନ୍ଦ କରେ ନାହିଁ । ମୁଁ ତାହା ବିଷୟରେ ଚିନ୍ତା କରିବାକୁ ପସନ୍ଦ କରେ ଯାହାକି ଆସୁଅଛି । ଏବଂ ମୁଁ ଜାଣେ ଯେ ଆପଣ ନିଜର ମାଆମାନଙ୍କ ବିଷୟରେ ସେହିପରି ଅନୁଭବ କରନ୍ତି । ତାଙ୍କ ବିଷୟରେ ସେହିପରି ଚିନ୍ତା କରନ୍ତୁ ଯେପରିକି ସେ ପ୍ରକୃତରେ ତାଙ୍କ ହୃଦୟରେ ଅଟନ୍ତି । ଯଦିଓ ଅନେକେ...ଯେପରିକି କବି କୁହନ୍ତି, "ଜୀବନ ତାଙ୍କ ପାଇଁ ସହଜ ରହି ନାହିଁ, ମାତ୍ର ସେ ଆପଣମାନଙ୍କ ନିମନ୍ତେ କିଛି

ଗୋଟାଏ କରିଯିବା ପାଇଁ, ଏହାକୁ ପୁଣି ଥରେ ପୁନର୍ବାର ଜୀବନକୁ ଅତିବାହିତ କରିଯିବେ।" ତେଣୁକରି ପରମେଶ୍ଵର ଏହାକୁ ଏକ ଉପାୟ କରିବାକୁ ଯାଉଛନ୍ତି ଯେପରିକି ସେ ଆପଣଙ୍କ ସହିତ ଚିରଦିନ ରହିପାରନ୍ତି। ତେଣୁ ମୁଁ ଏଥି ପାଇଁ ଖୁସି ଅଟେ।

12 ମୁଁ ଜାଣେ ନାହିଁ କାହିଁକି, ଆଜି ସକାଳେ, ମୁଁ ଏହି ଘୋଷଣା କଲି, ଯେ ଯଦି ପ୍ରଭୁ ଇଚ୍ଛା କରନ୍ତି, ତେବେ ମୁଁ ଆଜି ରାତିରେ ଏହା ଉପରେ କହିବି: *ଏ କିଏ?* ନିଶ୍ଚିତ ଭାବରେ ମୁଁ ଜାଣେ ନାହିଁ ଯେ ମୁଁ ଏହାକୁ କିପରି କରିବାକୁ ଯାଉଅଛି। କିନ୍ତୁ ମୁଁ ପ୍ରାୟଃ ଗୋଟିଏ ଘଣ୍ଟା ଏବଂ ଦଶ ମିନିଟ୍ ପୂର୍ବରୁ, ସମସ୍ତ ଅପରାହ୍ଣ ସାକ୍ଷାତକାରରେ ଏତେ ଅଧିକ ବ୍ୟସ୍ତ ଥିଲି, ଏବଂ ବିଶେଷ ଓ—ଓ ଜରୁରୀକାଳୀନ ଡାକରାଗୁଡିକ ରହିଥିଲା। ମୁଁ ସେଗୁଡିକ ନେଇପାରିଲି ନାହିଁ।

13 ଏବଂ ମୁଁ ଚାହେଁ ଯେ ଆପଣମାନେ ଡାକ୍ତର ସାମଙ୍କ ନିମନ୍ତେ ପ୍ରାର୍ଥନା କରିବା ଜାରି ରଖିଥାନ୍ତୁ। ସେ—ସେ ଭଲ ହୋଇ ଆସୁଛନ୍ତି, ଏବଂ ଆମେ କୃତଜ୍ଞ ଅଟୁ। ଏବଂ ଡାକ୍ତର ବାଲ୍ଡୱିନ୍ ଏବଂ ଶ୍ରୀମତୀ ବାଲ୍ଡୱିନ୍ ଉଭୟ ସୁସ୍ଥତା ଲାଭ କରୁଅଛନ୍ତି। ସେମାନେ ଭଲ ଅବସ୍ଥାକୁ ଆସୁଅଛନ୍ତି।

14 ମୁଁ ଚାହୁଁଛି ଯେ ଆପଣମାନେ ଆଜି ଅପରାହ୍ଣରେ, ନିଜର ପ୍ରାର୍ଥନା ତାଲିକାରେ ଏକ ନୂତନ ଜଣକୁ ଯୋଗ କରନ୍ତୁ। ତାହା ସେଠାରେ ତଳେ ସେହି ଔଷଧ ବିକ୍ରେତା, ହ୍ୟାରି ଲିଜ୍ ଅଟନ୍ତି। ହ୍ୟାରି ମୋର ଜଣେ ବ୍ୟକ୍ତିଗତ ବନ୍ଧୁ ଅଟନ୍ତି। ଏବଂ ଯେତେ ଦିନରୁ ମୁଁ ତାଙ୍କୁ ଜାଣିଛି, ମୁଁ ଭାବୁଥିଲି ସେ ଜଣେ ଖ୍ରୀଷ୍ଟିଆନ ଥିଲେ, ଏପରିକି ଆଜି ଅପରାହ୍ଣ ପର୍ଯ୍ୟନ୍ତ, ଯେତେବେଳେକି ତାଙ୍କର ଭାଇ ତାଙ୍କ ପ୍ରାଣର ପରିତ୍ରାଣ ନିମନ୍ତେ ଅନୁରୋଧ କରିଥିଲେ। ଭାଇ ମାଇକ୍ ଏଗାନ୍ ଆଣିଥିଲେ…ଏଠାରେ ଆମର ଟ୍ରଷ୍ଟି, ସେହି ଖବରକୁ ନେଇ ଆସିଥିଲେ। ଏବଂ ହ୍ୟାରିଙ୍କ ଅବସ୍ଥା, ସେଠାରେ ଡାକ୍ତରଖାନାରେ ଗୁରୁତର ଅଟେ। ମୁଁ ଜାଣି ନ ଥିଲି ଯେ ସେ ମୋ ବିଷୟରେ ଏତେ ଅଧିକ ଚିନ୍ତା କରିଥିଲେ; ମାତ୍ର, ସେ ଆଜି ଅପରାହ୍ଣରେ, ତାଙ୍କର ନିଜର ପାଳକଙ୍କୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ, କିମ୍ବା ସେହି ମଣ୍ଡଳୀର ପାଳକଙ୍କୁ ଯେଉଁଠାକୁ ସେ ଯାଆନ୍ତି, ଏବଂ ଚାହିଁଥିଲେ ଯେ ମୁଁ ଯାଇ ତାଙ୍କୁ ଦେଖା କରେ। ଏବଂ ମୁଁ ଯାଇ ତାଙ୍କୁ ଦେଖା କରିବାକୁ ଚାହେଁ। ତେଣୁ, ହ୍ୟାରିଙ୍କ ପାଇଁ ପ୍ରାର୍ଥନା କରନ୍ତୁ।

15 ଆମେମାନେ ଆଜି ରାତି, ଏଠାରେ ଥିବାର ମୋର ବନ୍ଧୁମାନଙ୍କୁ, ଚିହ୍ନଟ କରାଇବା ପାଇଁ, ଏଠାରେ ଆନନ୍ଦିତ ଅଟୁ, ତଳେ ଜର୍ଜିଆଠାରୁ, ଭାଇ ୱେଲଚ ଇଭାନ୍ସ ଏବଂ ତାଙ୍କ ପରିବାର। ମୁଁ ଅନ୍ୟ ପରିଦର୍ଶକମାନଙ୍କୁ, ମଧ୍ୟ, ଦେଖେ ଯାହାଙ୍କୁ ମୁଁ ଜାଣି ନ ଥିଲି, ଯେ ବୋଧହୁଏ ସେମାନେ ଆଜି ସକାଳେ ଏଠାରେ ଥିଲେ।

16 ଯଦି ମୁଁ ଭୁଲ୍ କରୁ ନାହିଁ, ତେବେ ମୁଁ ଭାଇ ଏବଂ ଭଉଣୀ ଏଲମର୍ କଲିନ୍ସଙ୍କୁ, ସେଠାରେ ପଛରେ, ଆରିଜୋନାର ଫେନିକ୍ସଠାରୁ ଆସିଥିବାର ଦେଖେ। ଓଃ, ଆପଣ ବଦଳି ନାହାଁନ୍ତି। ଏପରି ଲାଗେ ଯେପରିକି ଆପଣଙ୍କୁ ନିଜର ରେଲୱେ ପୋଷାକ ପିନ୍ଧି, ଏବଂ—ଏବଂ ଟ୍ରାକରୁ ଆସୁଥିବାର ଉଚିତ୍ ଥିଲା। ଏବଂ ଘରକୁ ଫେରି ଆସିବା ନିମନ୍ତେ ସ୍ୱାଗତ! ମୁଁ ଆପଣଙ୍କୁ

ଏଠାରେ ରହିବା ପାଇଁ କହିପାରେ ନାହିଁ, କାରଣ ଆପଣ ଏକ ଅଧିକ ଉତ୍ତମ ସ୍ଥାନ ପାଇଛନ୍ତି, ଦେଖନ୍ତୁ, ତାହା ବହୁତ ଉତ୍ତମ ଅଟେ, ଫିନିକ୍ସ। କୌଣସି ଏକ ଦିନ, ମୁଁ ନିଜେ ସେଠାରେ ରହିବାକୁ ଚାହିଁବି।

17 ଏବଂ ତାହାପରେ ମୁଁ ଏଠାରେ ଭାଇ ସ୍ମିଥଙ୍କୁ, ଚର୍ଚ୍ଚ ଅଫ ଗଡରୁ, ସେଠାରେ ଥିବାର ଦେଖେ। ଭାଇ ସ୍ମିଥ୍, ଆପଣଙ୍କର ସେହି ଛୋଟ ପୁସ୍ତକଟି, ଅନ୍ୟ ଏକ ଦିନ, କିମ୍ବା ଗତକାଲି ଅପରାହ୍ନରେ, ମୋତେ, ବିଳମ୍ବରେ ଦିଆ ଯାଇଥିଲା। ମୁଁ ତାହାକୁ ଏଯାଏଁ ପାଠ କରି ନାହିଁ, କିନ୍ତୁ ମୁଁ ନିଶ୍ଚିତ ଭାବରେ ଏହାକୁ ସମର୍ଥନ କରିବି, ଯେପର୍ଯ୍ୟନ୍ତ କି ମୁଁ ଏହା ଜାଣେ ଯେ ଆପଣ ଏହାକୁ ଲେଖିଛନ୍ତି। ଏହା ତ ବାସ୍ତବ, ପ୍ରକୃତ ଶାସ୍ତ୍ର ହୋଇଥିବ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏବଂ ମୁଁ ଆଶା କରୁଛି ଯେ ଏହା ଏକ ସଫଳତା ଅଟେ।

18 ଏବଂ ଅନ୍ୟମାନେ ଅନେକେ, ମୁଁ କହିପାରିବି। ଆପଣମାନଙ୍କୁ ସମସ୍ତଙ୍କୁ ଏଠାରେ ଆରାଧନାଳୟରେ ସ୍ୱାଗତ ଅଛି। ଏବଂ ଆଜି ସକାଳେ, ମୁଁ ସେହି ଗୀତକୁ ଉପଭୋଗ କଲି, ଯାହା ଭଉଣୀ ଷ୍ଟ୍ରାଇକର ଗାଇଲେ, "ସେ ତାକୁ, ସେହି ଜାଲି ଦେଇ ଦେଖୁଛନ୍ତି।" ମୋର ମେନୋନାଇଟ୍ ଭାଇମାନଙ୍କୁ ଏଠାରେ, ସେମାନଙ୍କୁ ପାଇ ଖୁସି ଅଟୁ। ଏବଂ, ଓଃ, ଆପଣ ସମସ୍ତଙ୍କୁ! ମୋର ବିଶ୍ୱାସ ଯେ, ଇଲିନୋଇସ୍‌ରୁ ଆସିଥିବା, ଏଠାରେ ଜଣେ ବନ୍ଧୁ, ତାଙ୍କ ପୁଅ ପଛରେ ରେକର୍ଡିଂଗୁଡିକ କରୁଛନ୍ତି, ସେମାନଙ୍କୁ ପୁନର୍ବାର ଭେଟିବାକୁ ପାଇଲି। ଏବଂ ବହୁତ ଜଣ, ହୋଇପାରେ ଯେ ମୁଁ...ଏହା ଭାବନ୍ତୁ ନାହିଁ ଯେ ମୁଁ ଆପଣଙ୍କୁ ସାମାନ୍ୟ କରି ଦେଉଛି ଯଦି ମୁଁ ଆପଣଙ୍କର ନାମକୁ ନ ଡାକେ, ମାତ୍ର ମୁଁ ଠିକ ଆପଣ ସମସ୍ତଙ୍କୁ ସ୍ୱାଗତ କରେ।

19 ଆସନ୍ତୁ ଆଜି ରାତି ଆମେମାନେ, ଏକ ଶାସ୍ତ୍ର ଶିକ୍ଷା ନିମନ୍ତେ ପାଠ କରିବା, ମାଥିଉ ତାର 21ଶ ପର୍ବ, 1ମ ପଦରୁ ଆରମ୍ଭ କରି, ତଳକୁ ପାଠ କରିଯିବା, ଏବଂ 11ଶ, ଅନ୍ତର୍ଭୁକ୍ତ କରି।

> *ଯେତେବେଳେ ସେମାନେ ଯିରୁଶାଲମର ନିକଟବର୍ତ୍ତି ହୋଇ,* ଆସିଲେ, ଏବଂ *ବେଥଫାଗୀ ଓ ଜୀତପର୍ବତ ନିକଟରେ ଉପସ୍ଥିତ ହେଲେ, ସେତେବେଳେ ଯୀଶୁ ଦୁଇ ଶିଷ୍ୟଙ୍କୁ ଏହି କଥା କହି ପଠାଇଲେ,*
>
> *ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ସମ୍ମୁଖସ୍ଥ ସେଘୀ ଗ୍ରାମକୁ ଯାଅ, ଆଉ ଯିବା ମାତ୍ର ବନ୍ଧା ହୋଇଥିବା ଏକ ଗର୍ଦ୍ଦଭୀ ଓ ତାହା ସହିତ ଗୋଟିଏ ଶାବକକୁ ଦେଖିବ: ସେମାନଙ୍କୁ ଫିଟାଇ, ମୋ ନିକଟକୁ ଘେନି ଆସ।*
>
> *ଆଉ ଯେବେ କେହି ତୁମ୍ଭମାନଙ୍କୁ କିଛି କହେ, ତେବେ କହିବ, ଏମାନଙ୍କଠାରେ ପ୍ରଭୁଙ୍କର ପ୍ରୟୋଜନ ଅଛି; ସେହିକ୍ଷଣି ସେ ସେମାନଙ୍କୁ ପଠାଇଦେବ।*
>
> *ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ, ଯେପରି ସଫଳ ହୁଏ, ସେଥିନିମନ୍ତେ ଏହା ଘଟିଲା,*
>
> *ସିୟୋନର କନ୍ୟାକୁ...କୁହ, ଦେଖ, ତୋର ରାଜା ତୋ ନିକଟକୁ ଆସୁଅଛନ୍ତି...ନମ୍ର ଓ ଗର୍ଦ୍ଦଭାରୋହୀ,* ଶାବକ, *ଗର୍ଦ୍ଦଭଶାବକାରୋହୀ।*

*ସେଥିରେ ଶିଷ୍ୟମାନେ ଯାଇ, ଯୀଶୁଙ୍କ ଆଦେଶ ଅନୁସାରେ କର୍ମ କଲେ,*

*ପୁଣି ଗର୍ଦ୍ଦଭୀ, ଓ ଶାବକଟି ଆଣି, ସେମାନଙ୍କ ଉପରେ ବସ୍ତ୍ର ପାତିଦେଲେ, ଆଉ ସେ ତାହା ଉପରେ ବସିଲେ ।*

*ପୁଣି ଲୋକସମୂହ ମଧ୍ୟରୁ ଅଧିକାଂଶ ଆପଣା ଆପଣା ଲୁଗା ପଥରେ ବିଛାଇଲେ; ଓ ଅନ୍ୟମାନେ ଗଛରୁ ଡାଳ କାଟି ଆଣି, ବାଟରେ ବିଛାଇଦେବାକୁ ଲାଗିଲେ ।*

*ଆଉ ତାହାଙ୍କ ଆଗରେ, ଓ ପଛରେ ଯାଉଥିବା ଲୋକସମୂହ ଉଚ୍ଚ ସ୍ୱରରେ, କହିବାକୁ ଲାଗିଲେ, "ହୋଶାନ୍ନା ଦାଉଦସନ୍ତାନ: ପ୍ରଭୁଙ୍କ ନାମରେ ଯେ ଆସୁଛନ୍ତି, ସେ ଧନ୍ୟ; ଊର୍ଦ୍ଧ୍ୱ ଲୋକରେ ହୋଶାନ୍ନା ।*

*ଆଉ ସେ ଯିରୁଶାଲମ ପ୍ରବେଶ କରନ୍ତେ, ନଗରଯାକ, ଏ କିଏ ବୋଲି, ଚହଳ ପଡିଗଲା?*

*ସେଥିରେ ଲୋକସମୂହ କହିଲେ, "ଏ ଗାଲୀଲିସ୍ଥ ନାଜରିତର ଭାବବାଦୀ ଯୀଶୁ...*

ଆସନ୍ତୁ ପ୍ରାର୍ଥନା ପାଇଁ ମସ୍ତକଗୁଡିକୁ ନତ କରିବା ।

20 ହେ ପ୍ରଭୁ, ଆମେମାନେ ଆଶ୍ଚର୍ଯ୍ୟ କରୁଅଛୁ ଯେ ଆମେ କଅଣ କହିଥାନ୍ତୁ, ଯଦି ଆମେ ସେହି ଦିନମାନଙ୍କରେ ଜୀବନ ଯାପନ କରୁଥାନ୍ତୁ । କିନ୍ତୁ ଆମେ ଏକ ଅଧିକ ମହାନ ଦିନରେ ବାସ କରୁଅଛୁ, ଯେତେବେଳେକି ଆମେ ତାହାଙ୍କର ଆଗମନର ଅପେକ୍ଷା କରୁଅଛୁ । ଏବଂ ପ୍ରଭୁ, ଯେତେବେଳେ ଆମେମାନେ ପ୍ରସ୍ତୁତି କରୁଅଛୁ, ଆମର ହୃଦୟଗୁଡିକୁ ପ୍ରସ୍ତୁତ କରୁଅଛୁ, ଏବଂ ସେହି ସମସ୍ତ ଶସ୍ୟବିଡାଗୁଡିକୁ ଭିତରକୁ ନେଇ ଆସୁଅଛୁ ଯାହାସବୁ ଆମେମାନେ ଶସ୍ୟ କ୍ଷେତ୍ରରୁ, ଉଭୟ ସ୍ୱଦେଶ ଏବଂ ବିଦେଶରୁ ସଂଗ୍ରହ କରିପାରୁ, ତେବେ ଆମେମାନେ ଚିନ୍ତା କରୁଅଛୁ ଏବଂ ସେହି ସମୟକୁ ଆଶା କରୁଅଛୁ ଯେତେବେଳେକି ଆମେ ତାହାଙ୍କୁ ଏକ ଶ୍ୱେତ ଘୋଡା ଚଢି, ମହିମାର ସ୍ଥାନରୁ, ତଳକୁ ଓହ୍ଲାଇ ଆସୁଥିବାର ଦେଖିବା, ଯେପରିକି ସେ ଆମର ଏହି ପୁରୁଣା ଭ୍ରଷ୍ଟ ଶରୀରକୁ ପରିବର୍ତ୍ତନ କରି, ତାହାଙ୍କର ନିଜସ୍ୱ ପରି ଏକ ଗୌରବମୟ ଶରୀରରେ ନୂତନୀକୃତ କରିବେ, ଯେଉଁଠାରେକି କୌଣସି ପାପ ହୋଇପାରେ ନାହିଁ କିମ୍ୱା ମୃତ୍ୟୁର କୌଣସି ଚିହ୍ନ ସୁଦ୍ଧା ପ୍ରବେଶ କରିପାରେ ନାହିଁ । ଏବଂ ଆମେମାନେ ତାହାଙ୍କୁ ଯେପରି ସେ ଅଟନ୍ତି ସେହିପରି ଦେଖିବା, ଏବଂ ବଞ୍ଚିବା, ଓ ଆଗାମୀ ଯୁଗ ଯୁଗ ଧରି ତାହାଙ୍କୁ ପ୍ରେମ କରୁଥିବା ।

21 ଆମେ ତୁମକୁ ଏହି ମଣ୍ଡଳୀ ଏବଂ ଏହାର ପାଳକ, ଏବଂ ଟ୍ରଷ୍ଟି ଏବଂ ଦୀକନମାନଙ୍କ ପାଇଁ ଧନ୍ୟବାଦ ଦେଉଅଛୁ, ଏବଂ ଏଠାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ; ଏବଂ ସେହି ଆଗନ୍ତୁକମାନଙ୍କ ପାଇଁ ଧନ୍ୟବାଦ ଦେଉଅଛୁ ଯେଉଁମାନେକି ଆମ ଫାଟକରେ ରହିଛନ୍ତି, ସେମାନେ ସେହି ସମାନ ପଲର ମେଷ ଅଟନ୍ତି, ମାତ୍ର ଅନ୍ୟ ଏକ ବାଡରୁ । ଆମେମାନେ

ପ୍ରାର୍ଥନା କରିବୁ ଯେ ତୁମେ ଆଜି ରାତିରେ, ତୁମର ଉପସ୍ଥିତି ଦେଇ, ସେମାନଙ୍କୁ ଆଶୀର୍ବାଦ କରିବ ।

22 ଏବଂ ତୁମ ବାକ୍ୟରେ ଆମକୁ ପ୍ରତିପୋଷିତ କର, ଯେପରିକି ଆମେମାନେ ଆଜିରାତି, ଏଠାରୁ ଏହି ସଂକଳ୍ପ ସହିତ ଯାଇପାରୁ, ଯେ ଆମେମାନେ ଯାହା ରହିଆସିଅଛୁ ତାହା ଅପେକ୍ଷା ଅଧିକ ଭଲ ଖ୍ରୀଷ୍ଟିଆନ ହେବୁ । ଏହା ହେଉ ଯେ ଆମେ ତାହାଙ୍କର ଆଗମନକୁ ଅପେକ୍ଷା କରି, ନିଜ ହୃଦୟରେ ଏକ ନୂତନ ଭରସା ସହିତ, ଏବଂ ଆନନ୍ଦ ସହିତ ଯାଉ ।

23 ଯଦି କୌଣସି ଉପାୟରେ ବି ଆମ ମଧ୍ୟରେ ଏପରି କିଛି ଲୋକ ଥାଆନ୍ତି, ଯେଉଁମାନେକି ଅସୁସ୍ଥ ଓ ପୀଡ଼ିତ, ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଭୁଲିବା ନାହିଁ । ଯେପରିକି ସେମାନେ…ଏହି ଭବନକୁ ଆସୁଥିବା ବେଳେ, ଆଜି ରାତି, ଯେଉଁଠାରେକି ଆମେମାନେ ଉପାସନା କରିବା ପାଇଁ ଏକତ୍ରିତ ହୋଇଅଛୁ, ଯେତେବେଳେ ଅସୁସ୍ଥ ଭାବରେ, ଭିତରକୁ ଆସନ୍ତି, ଏହା ହେଉ ଯେ ସେମାନେ ସୁସ୍ଥ ହୋଇ ବାହାରକୁ ଯାଆନ୍ତୁ ।

24 ଏବଂ ଆମେମାନେ ସେମାନଙ୍କ ପାଇଁ ପ୍ରାର୍ଥନା କରିବୁ ଯେଉଁମାନେକି ଘରେ ଓ ଡାକ୍ତରଖାନାରେ, ଏବଂ ଦୁଃଖ ପୀଡାର ଶଯ୍ୟାରେ, ସୁସ୍ଥତା ଲାଭ କରୁଅଛନ୍ତି । ହେ ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମର କୃପା ସେମାନଙ୍କ ପାଖରେ ପହଞ୍ଚିବ ।

25 ଆମେ ସେମାନଙ୍କ ପାଇଁ ଆଜି ରାତିରେ, ପ୍ରାର୍ଥନା କରିବୁ, ଯେଉଁମାନେକି ଉଦାସୀନ, ଯେଉଁମାନେକି ଏଯାଏଁ ତାହା ଚାଖି ନାହାଁନ୍ତି ଏବଂ ଦେଖି ନାହାଁନ୍ତି ଯେ ପ୍ରଭୁ ଉତ୍ତମ, ଯେଉଁମାନେକି ଜାଣି ନାହାଁନ୍ତି ଯେ ପରମେଶ୍ୱରଙ୍କ ଦ୍ୱାରା ପ୍ରେମ କରାଯିବାର ଅର୍ଥ କଅଣ ଅଟେ । ସେମାନେ କେବଳ ତାହା ବୁଝି ହିଁ ପାରୁନାହାଁନ୍ତି ଯେ ସେମାନେ କଅଣ ହରାଉଅଛନ୍ତି । ହେ ପରମେଶ୍ୱର, ଏହା ହେଉ ଯେ କୌଣସି ରେଡିଓ ପ୍ରସାରଣରେ, କିମ୍ବା କୌଣସି ଉପାୟରେ, ସେମାନଙ୍କ ହୃଦୟଗୁଡିକୁ ସ୍ପର୍ଶ କର, ଏବଂ ସେମାନଙ୍କର ଭାବନାଗୁଡିକୁ ତୁମ ପ୍ରତି ଫେରାଯାଇପାରୁ ଏହା ପୂର୍ବେକି ଦୟା ଦ୍ୱାର ବନ୍ଦ ହୋଇଯିବ ଏବଂ ସେମାନେ, ଦୟା ବିନା ସେହି ବିଚାରକୁ ସମ୍ମୁଖସ୍ଥ ହେବା ପାଇଁ ବାହାରେ ନିକ୍ଷେପ କରାଯିବେ ।

26 ହେ ପ୍ରଭୁ, ଆମକୁ ସାହାଯ୍ୟ କର । ଏହି ବିଷୟଗୁଡିକୁ ଆମେ ପ୍ରଭୁ ଯୀଶୁଙ୍କ ନାମରେ ପ୍ରାର୍ଥନା କରୁଅଛୁ, ଏବଂ ତାହାଙ୍କ ମହିମା ନିମନ୍ତେ ଆମେ ଏହାକୁ ମାଗୁଅଛୁ । ଆମେନ୍ ।

27 ଲୋକମାନେ ଫାଟକଗୁଡିକର ଚାରିପାଖରେ ଏତେ ଗହଳି କରିଥିଲେ, ଏବଂ ରାସ୍ତାଗୁଡ଼ିକ ଭୀଡ ହୋଇଥିଲା, ଏବଂ ଏପରିକି ଲୋକମାନଙ୍କ ପାଇଁ ଶୋଇବାକୁ ସୁଦ୍ଧ ସ୍ଥାନ ନ ଥିଲା । ସେମାନେ ବାହାରେ ସର୍ବତ୍ର ପଡିଆରେ, କାନ୍ଥ କଡରେ ପଡ଼ି ରହିଥିଲେ, ଯେହେତୁ ଏହା ନିସ୍ତାରପର୍ବ ଥିଲା । ଏବଂ ଏହି ସମୟରେ ଉପାସନା କରିବା ପାଇଁ, ଲୋକମାନେ ପୃଥିବୀର ସମସ୍ତ ଜଣାଶୁଣା ସ୍ଥାନରୁ ଆସିଥିଲେ । ଏହା ସେହି ସମୟ ଥିଲା ଯେତେବେଳେ ସେହି ବଳିଦାନର ମେଷଶାବକଙ୍କୁ ବଧ କରାଯାଇଥିଲା । ଏବଂ ସେହି…ଏହା ମିସରରୁ, ସେହି ଦାସତ୍ୱ ବନ୍ଧନରୁ ସେମାନଙ୍କର ମୁକ୍ତିକୁ ଦର୍ଶାଉଥିଲା । ଏବଂ ସେମାନେ ଏହାକୁ ପ୍ରତିବର୍ଷ,

ପାଳନ କରୁଥିଲେ। ପ୍ରତିବର୍ଷ, ଏହି ମହାନ ନିସ୍ତାରପର୍ବ ଅନୁଷ୍ଠିତ ହେଉଥିଲା। ଏବଂ ଏହା ଯିହୁଦୀ ଧର୍ମର...ଏକ ଉଲ୍ଲେଖନୀୟ ସମୟ କିମ୍ବା ଘଟଣାବଳୀ ଥିଲା, କାରଣ ଏହାର ଅଭିପ୍ରାୟ ସେହି ସମୟ ଥିଲା ଯେତେବେଳେ କି ସେମାନେ ମୁକ୍ତ କରାଯାଇଥିଲେ।

28 ସମସ୍ତ ଲୋକ ସେହି ବିଷୟରେ ଚିନ୍ତା କରିବାକୁ ଭଲ ପାଆନ୍ତି, ସେହି ସମୟ ଯେତେବେଳେ ସେମାନେ ମୁକ୍ତ କରାଯାଇଥିଲେ। ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ଆଜି ରାତିରେ, କିପରି ସେହି ସମୟକୁ ଫେରି ଯାଇପାରୁ ଯେତେବେଳେ ଆମେ ମୁକ୍ତ କରାଯାଇଥିଲୁ! ଆମ ପାଇଁ ଏହାର ଅର୍ଥ କଅଣ ଥିଲା!

29 ମୁଁ ମୋର ନିଜ ଅନୁଭୂତିରେ ଏହା ମନେ କରିପାରେ, ଯେ କିପରି ମୋର ବେଚାରା ପିଲାଳିଆ ହୃଦୟଟି ପରମେଶ୍ୱରଙ୍କୁ ସ୍ପର୍ଶ କରିବା ନିମନ୍ତେ ଅତ୍ୟଧିକ ଇଚ୍ଛା କରୁଥିଲା। ମୁଁ ଭାବୁଥିଲି, "ଓଃ, ଯଦି ମୁଁ କେବଳ ଯାଇ ତାହାଙ୍କ ଦ୍ୱାରରେ ଆଘାତ କରିପାରେ, ଏବଂ ତାହାଙ୍କ ସହିତ ଅଳ୍ପ ସମୟ କଥା ହୋଇପାରେ!" ଏବଂ, ଅବଶ୍ୟ, ଆପଣମାନେ ମୋର କାହାଣୀ ଜାଣିଛନ୍ତି। ମୁଁ ଗୋଟିଏ କାଗଜ ଏବଂ ପେନ୍ସିଲ ନେଲି, ଏବଂ ତାହାଙ୍କୁ ଏକ ଚିଠି ଲେଖିବାକୁ ଯାଉଥିଲି, କାରଣ ମୁଁ ତାହାଙ୍କ ସହିତ କଥାବାର୍ତ୍ତା ହୋଇପାରି ନ ଥିଲି। ଏବଂ ମୁଁ ଜାଣିଥିଲି ଯେ ସେ ଜଙ୍ଗଲରେ ବାସ କରୁଥିଲେ, କାରଣ ମୁଁ ତାହାଙ୍କ କଥା ଶୁଣିଥିଲି ଏବଂ ମୁଁ ଜଙ୍ଗଲରେ ତାହାଙ୍କର ଗମନାଗମନକୁ ଦେଖିଥିଲି। ଏବଂ ଏକ—ଏକ ନିର୍ଦ୍ଦିଷ୍ଟ, ପୁରୁଣା ପରିଚିତ ପଥ ଯାହା ମୁଁ ସେତେବେଳେ ଯିବା ଆସିବା କରୁଥିଲି ଯେତେବେଳେ ମୁଁ ଶିକାର କରିବାକୁ କିମ୍ବା ମାଛ ଧରିବାକୁ ଯାଉଥିଲି। ମୁଁ ଭାବୁଥିଲି, "ମୁଁ ଏହାକୁ କେବଳ ଗଛ ଉପରେ ଟାଙ୍ଗି ଦେବି, ଏବଂ ଏହାକୁ ଶ୍ରୀମାନ ଯୀଶୁଙ୍କୁ ସମ୍ବୋଧିତ କରିବି।" କେବଳ କୌଣସି ଉପାୟରେ ଯେପରିକି ସେହି ଭାର ମୋ ହୃଦୟରୁ ଚାଲି ଯାଇପାରେ।

30 ଓଃ, ସେହି ରାତିରେ, ସେଠାରେ ତଳେ! ମୁଁ ହୁଏତ ମୋ ବୟସକୁ ଭୁଲି ଯାଇପାରେ, ମୁଁ ହୁଏତ କିଛି ସମୟ ପାଇଁ ମୋର ନାମକୁ ଭୁଲି ଯାଇପାରେ, କିନ୍ତୁ ମୁଁ ସେହି ଘଟିକାକୁ କେବେ ବି ଭୁଲି ପାରିବି ନାହିଁ ଯେତେବେଳେ ସେ ମୋତେ ପାପରୁ ଉଦ୍ଧାର କରିଥିଲେ। କିଛି ଗୋଟାଏ, ମୋ ଭିତରେ ଘଟିଥିଲା, ଯାହାକି ତାହା ମୋତେ ଅନ୍ଧକାରର ସେହି ମହାନ ଘଟିକା ମଧ୍ୟରେ ସାହାଯ୍ୟ କରିଥିଲା। ମୋର ମୁକ୍ତିର ଘଟିକା, ପାପର ଭାର ମୋତେ ଛାଡି ଚାଲି ଯାଇଥିଲା, ଏବଂ ମୁଁ ଜଣେ ନୂତନ ବ୍ୟକ୍ତି ହୋଇ ଯାଇଥିଲି। ସେହି ଦିନଠାରୁ, ମୁଁ ଖ୍ରୀଷ୍ଟ ଯୀଶୁଙ୍କଠାରେ ଏକ ନୂତନ ପ୍ରାଣୀ ହୋଇଅଛି।

31 ଏବଂ ଏହି ଯିହୁଦୀମାନେ, ସେମାନେ, ପ୍ରତିବର୍ଷ ଆସୁଥିଲେ। ଏବଂ ସେଠାରେ ମନ୍ଦିର ଭିତରେ ଗୋଟିଏ—ଗୋଟିଏ ନିର୍ଝର ରହିଥିଲା। ଏବଂ ସେମାନେ ସେହି—ସେହି ରୁଟି, ସେହି ତିକ୍ତ ଶାକ, ଆଉ ମେଷଶାବକକୁ ଭୋଜନ କରିଥିଲେ, ଏବଂ ସେମାନେ ମନ୍ଦିରରେ ଥିବା ସେହି ନିର୍ଝରରୁ ପାନ କରିଥିଲେ। ଏବଂ ସେମାନେ ଏକତ୍ର ଆନନ୍ଦ କରିଥିଲେ କାରଣ ସେହି ପରମେଶ୍ୱର ସେମାନଙ୍କ ଉପରେ ଅନୁଗ୍ରହ ଦେଖାଇଥିଲେ। ତେଣୁ, ଏହା ସେହି ନିସ୍ତାରପର୍ବ

ସମୟ ହୋଇଥିବା ହେତୁରୁ, ଏବଂ ଏହା କେବଳ ନିସ୍ତାରପର୍ବ ନ ଥିଲା, ମାତ୍ର ଏହା ଏକ ବିଶେଷ ନିସ୍ତାରପର୍ବ ଥିଲା ।

32 ଆପଣମାନେ ଜାଣନ୍ତି, ଏପରି ବେଳେବେଳେ ହୁଏ ଯେ ଆମେମାନେ ମଣ୍ଡଳୀକୁ ଯାଇଥାଉ ଏବଂ...ଆମେମାନେ ସବୁବେଳେ ଯିବାକୁ ଭଲ ପାଇଥାଉ, ମାତ୍ର ବେଳେବେଳେ ଏପରି କିଛି ଥାଏ ଯେ ବିଶେଷ କିଛି ଘଟଣା ଘଟିଥାଏ ।

33 ଏବଂ ଏହା ସେହି ସମୟମାନଙ୍କ ମଧ୍ୟରୁ ଗୋଟିଏ ଥିଲା । ବାତାବରଣଟି ଆଶାରେ ଚହଳ ପଡ଼ି ଯାଇଥିଲା, ଯେପରି ତାହା ଠିକ ଆଜି ଅଟେ। ସେହି ସମସ୍ତଙ୍କର ଚକ୍ଷୁ ଯେଉଁମାନେକି ତାହାଙ୍କୁ ପ୍ରେମ କରୁଥିଲେ ତାହାଙ୍କର ଫାଟକକୁ ଆସିବା ନିମନ୍ତେ ଅପେକ୍ଷା କରି ରହିଥିଲା ।

34 ଏବଂ ମୁଁ ବିଶ୍ଵାସ କରେ ଯେ ତାହା ଆଜି ସେହି ପ୍ରକାରେ ସେମାନଙ୍କ ପାଇଁ ଏକ ବହୁତ ବଡ କଥା ଅଟେ, ଯେଉଁମାନେକି ତାହାଙ୍କୁ ପ୍ରେମ କରନ୍ତି ତାହାଙ୍କ ନିମନ୍ତେ ଅପେକ୍ଷା କରୁଅଛନ୍ତି । ବାତାବରଣଟି ଆଶାରେ ଚହଳ ପଡ଼ି ଯାଇଅଛି ।

35 ଯେତେବେଳେକି, ଆମେମାନେ ଏହି ଦିନରେ ବାସ କରୁଅଛୁ, ଯେତେବେଳେକି ପୃଥିବୀ ବାସ୍ତବରେ, ଏକ ବିରାଟ ବଡ ଚୂର୍ଣ୍ଣର ପାତ୍ର ହୋଇଯାଇଛି । ଏବଂ ବିଜ୍ଞାନ ଆମକୁ କହୁଅଛି, "ମଧ୍ୟରାତ୍ରି ପାଇଁ ଏହା ମାତ୍ର ତିନି ମିନିଟ୍ ଶେଷ ଅଛି ।" ଏବଂ ମୁଁ ସୁନିଶ୍ଚିତ ଅଟେ ଯେ ଆପଣ ତାହା ପାଠ କରିଥିଲେ, ଯେପରିକି ମୁଁ, ଅନ୍ୟ ଦିନ, ସେନାରେ ଏହି ସେନାଧ୍ୟକ୍ଷଙ୍କ କାହାଣୀ ପଢୁଥିଲି, ଯାହାକି, କହୁଥିଲା, "ଯଦି ଆଉ ଏକ ଯୁଦ୍ଧ ହେବ, ତାହାହେଲେ ଏହା କେବଳ ଦୁଇରୁ ତିନି ମିନିଟ୍ ଯାଏଁ ଚାଲିବ ।" ଯୁଦ୍ଧର ସେହି ପୁରୁଣା ଦିନଗୁଡିକ, ଏବଂ ବନ୍ଧୁକ ଗୁଳି ମାରିବା, ଏବଂ ସୁରକ୍ଷା ନିମନ୍ତେ ଗାତ ଖୋଳିବା, ତାହା ସବୁ ଶେଷ ହୋଇଯାଇଛି । ସେମାନେ ଦାବି କରନ୍ତି ଯେ ପରବର୍ତ୍ତୀ ଯୁଦ୍ଧ ମାତ୍ର ଦୁଇ କିମ୍ବା ତିନି ମିନିଟର ହେବ । କୌଣସି ଏକ ଦିନ, କୌଣସି ମୁଣ୍ଡ ଖରାପ-ପାଗଳ ବ୍ୟକ୍ତି ଜଣେ ତାଙ୍କର ଡାଙ୍କୁଣୀକୁ କାଢିବାକୁ ଯାଉଛନ୍ତି ଏବଂ ସେହି ବୋମାଗୁଡିକ ମଧ୍ୟରୁ ଗୋଟିଏକୁ ନିକ୍ଷେପ କରିବାକୁ ଯାଉଛନ୍ତି । ଆଉ ଯେତେବେଳେ ସେମାନେ ତାହା କରିବେ, ଆମ ପାଖରେ ସବୁଆଡେ ଶ୍ରବଣକାରୀ ସ୍ତମ୍ଭମାନ ରହିଅଛି, ଯେପରିକି ଆମେ ଏହାକୁ ଠିକ ବିପରୀତ ଦିଗଆଡକୁ ନିକ୍ଷେପ କରିପାରୁ । ଜଗତ ଏଥିରୁ ରକ୍ଷା ପାଇପାରେ ନାହିଁ ।

36 ନିସ୍ତାରପର୍ବରେ ରହିଥିବା ସମସ୍ତ ଲୋକ ଜାଣିଥିଲେ ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି, ମାତ୍ର ସେମାନେ ଏହା ଜାଣି ନ ଥିଲେ ଯେ ତାହା ଅବିକଳ କଅଣ ଥିଲା ।

37 ଏବଂ ତାହା ଆଜି ଠିକ ସେହି ପରି ହିଁ ଅଟେ। ଅଧିକାଂଶ ସମସ୍ତେ ଜାଣନ୍ତି ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି। ସମସ୍ତେ ତାହା ଜାଣନ୍ତି। ଆପଣ ପାପୀ ସହ କଥା ହୋଇପାରନ୍ତି, ଆପଣ ବଣିକ ସହ କଥା ହୋଇପାରନ୍ତି, ଆପଣ କାହାରି ସହ କଥା ହୋଇପାରନ୍ତି, ଏବଂ, ଓଃ, ଏହା ବିଶ୍ଵ ପାଇଁ ଏକ ଅସ୍ଥିର ସମୟ ଅଟେ ।

38 ମାତ୍ର ଆପଣ ଏପରି ଜଣେ ପୁରୁଷ କିମ୍ବା ସ୍ତ୍ରୀ ସହିତ କଥା ହୋଇପାରନ୍ତି ଯିଏକି ତାହାଙ୍କର ଆଗମନ ନିମନ୍ତେ ଅପେକ୍ଷା କରୁଛନ୍ତି, ଆଉ ସେମାନଙ୍କ ମୁଖମଣ୍ଡଳରେ ଉଜ୍ଜ୍ୱଳ ତେଜ ରହିଥାଏ, ଝଲସି ଉଠୁଥାଏ । ସେମାନେ ସେହି ମହାନ ଘଟଣା ପାଇଁ ଅପେକ୍ଷା କରୁଅଛନ୍ତି । ତେଣୁକରି ସମ୍ପୂର୍ଣ୍ଣ ବାତାବରଣଟି ପୁନର୍ବାର, କିଛି ଗୋଟାଏ ବିଷୟର ଘଟିବାର ଆଶା ସହିତ ଚହଳ ପଡିଅଛି । ଜଗତ ଜାଣେ ନାହିଁ ଯେ କଅଣ ଘଟିବାକୁ ଯାଉଅଛି, ମାତ୍ର ଜୀବିତ ପରମେଶ୍ୱରଙ୍କ ମଣ୍ଡଳୀ ଜାଣେ ଯେ କଅଣ ଘଟିବାକୁ ଯାଉଅଛି । ସେମାନେ ଜାଣନ୍ତି ଯେ ଶୀଘ୍ର ତୂରୀ ଶବ୍ଦ ହେବ, ଏବଂ ଆମେ ତାହାଙ୍କୁ, ଏକ ଶ୍ୱେତ ଘୋଡା ଉପରେ, ମହିମାରୁ ଆସୁଥିବାର ଦେଖିବା, ଏବଂ ସ୍ୱର୍ଗର ସୈନ୍ୟଦଳ ତାହାଙ୍କୁ ଅନୁସରଣ କରୁଥିବେ । ଏବଂ ଖ୍ରୀଷ୍ଟଙ୍କଠାରେ ଥିବା ମୃତମାନେ ସ୍ୱର୍ଗାରୋହଣ ହେତୁ ପରିବର୍ତ୍ତିତ ହେବେ ଏବଂ ତାହାଙ୍କୁ ସାକ୍ଷାତ କରିବା ନିମନ୍ତେ ମଧ୍ୟ ଆକାଶକୁ ଘେନାଯିବେ । ତାହାହିଁ ଅଟେ ଯାହାର ଆମେମାନେ ଅପେକ୍ଷା କରୁଅଛୁ । ଆମେମାନେ ଏହା ପାଇଁ ଇଚ୍ଛୁକ ଅଟୁ ।

39 ଏବଂ ଆମକୁ କୁହା ଯାଇଅଛି ଯେ ସେହି ମାତାମାନଙ୍କର ପ୍ରାଣଗୁଡିକ, ଏବଂ ପ୍ରଭୃତି ସବୁ, ଆମେ ଏହା ବିଷୟରେ ଆଜି ସକାଳେ କଥା ହୋଇଥିଲୁ, ପରମେଶ୍ୱରଙ୍କ ଯଜ୍ଞବେଦୀ ତଳେ, ଚିତ୍କାର କରୁଛନ୍ତି, "ପ୍ରଭୁ, କେତେ କାଳ? କେତେ କାଳ?" ମା'ଆ ଆପଣଙ୍କୁ ସେତିକି ଦେଖିବାକୁ ଚାହାଁନ୍ତି ଯେତିକି ଆପଣ ତାହାଙ୍କ ଦେଖିବାକୁ ଚାହାଁନ୍ତି । ଏବଂ ଆମର ପ୍ରିୟଜନମାନେ ମଧ୍ୟ ଆମକୁ ସାକ୍ଷାତ କରିବାକୁ ଚାହାଁନ୍ତି ଯେପରି ଆମେ ସେମାନଙ୍କୁ ସାକ୍ଷାତ କରିବାକୁ ଚାହୁଁ ।

40 ଯେତେବେଳେ ସେ ଆସିବେ, ତାହା କି ଏକ ପୁନର୍ମିଳନ ହେବ! ଯେ ଆମର ପ୍ରିୟଜନମାନଙ୍କୁ ସାକ୍ଷାତ କରିବା ଏବଂ ସେମାନଙ୍କୁ ସେମାନଙ୍କର ପୁନରୁତ୍ଥିତ ଶରୀରରେ, ଓ ମହିମାନ୍ୱିତ ହୋଇଥିବାର ଦେଖିବା, ପୁଣି ପୁନରୁତ୍ଥାନର ଉତ୍ତରାଧିକାରୀଙ୍କ ସହିତରେ ଗମନାଗମନ କରି, ସେମାନଙ୍କର ଚରିତ୍ରକୁ ଲକ୍ଷ୍ୟ କରିବା, ଯେ ଏହା କିପରି ସେହି ନମ୍ରତା ଏବଂ ଶାନ୍ତଶୀଳତାରେ, ପରିବର୍ତ୍ତିତ ହୋଇଅଛି । ଏବଂ ଏହା ଏକ ଦୌଡ଼ିବା ଏବଂ ପରିଶ୍ରମ କରିବା ହେବ ନାହିଁ, ଏବଂ ଡେଇଁପଡ଼ିବା ଓ ଦୋହଲିବା ହେବ ନାହିଁ, କାରଣ ଆମ ପାଖରେ ଏକାଠି ଜୀବନ ଯାପନ କରିବା ପାଇଁ ସମସ୍ତ ଅନନ୍ତତା ରହିଥିବ ।

41 ଓଃ, ଏହି ମହାନ ସ୍ନାୟୁତନ୍ତ୍ର ପ୍ରଭାବିତ ଯୁଗ ଯେଉଁଥିରେକି ଆମେ ବସବାସ କରୁଅଛୁ, କୌଣସି କିଛି ବିଷୟ ପାଇଁ ସମୟ ନାହିଁ, କେବଳ ଚଢୁଅଛୁ, ଏବଂ ଛାଟିପିଟି ହେଉଅଛୁ, ଏବଂ ଜାବୁଡି ଧରୁଅଛୁ, କାହିଁକି, ଏହା ତ ଏକ ଭୟଙ୍କର ଦିନ ଅଟେ ।

42 ତାହାପରେ, ଯେତେବେଳେ ସେମାନେ କିଛି ଗୋଟାଏ ବିଷୟର ଘଟିବାକୁ ଅପେକ୍ଷା କରୁଥିଲେ, ଏହା ଅତ୍ୟନ୍ତ ଖରାପ ଥିଲା ଯେ ନିସ୍ତାରପର୍ବରେ ଥିବା ଲୋକମାନଙ୍କ ମଧ୍ୟରୁ ଅନେକେ କେବେ ବି ତାହାଙ୍କୁ ଦେଖା କରିବାକୁ ପାଇ ନ ଥିଲେ । ତଥାପି, ସେମାନେ ଜାଣିଥିଲେ ଯେ କିଛି ଗୋଟାଏ ଘଟିବାକୁ ଯାଉଅଛି, ମାତ୍ର ତଥାପି ସେମାନେ ତାହାଙ୍କୁ ଦେଖା କରିବାକୁ ପାଇଲେ ନାହିଁ ।

43 ଠିକ ସେହିପରି ଭାବରେ ପ୍ରଭୁଙ୍କ ଆଗମନରେ ମଧ୍ୟ ହେବ। ଆଜି, ଅନେକ ଲୋକମାନେ ବିଚଳିତ ଅଟନ୍ତି, ଯେଉଁମାନେକି ଜାଣନ୍ତି ଯେ କିଛି ଗୋଟାଏ ବିଷୟ ଘଟିବାକୁ ଯାଉଅଛି, ମାତ୍ର ସେମାନେ—ସେମାନେ ତାହାଙ୍କୁ କଦାପି ଦେଖିବେ ନାହିଁ। କାରଣ ସେ ମଧ୍ୟରାତ୍ରିର ନୀରବତା ମଧ୍ୟରେ ଆସିବେ, ଯେ ସେହି ଛୋଟ ମଣ୍ଡଳୀକୁ ସଙ୍ଗରେ ଧରି ନେଇଯାଆନ୍ତି ଯାହାକି ତାହାଙ୍କୁ ଦେଖିବା ନିମନ୍ତେ ଇଚ୍ଛା କରୁଅଛି ଏବଂ ଅପେକ୍ଷା କରୁଅଛି ଓ ଆଶା କରୁଅଛି। ସେମାନେ ହିଁ ଅଟନ୍ତି ଯେଉଁମାନଙ୍କୁ ସେ ଆସି ସଙ୍ଗରେ ଧରି ନେଇଯିବେ। ଜଗତର ଅନେକ ଲୋକମାନେ ଯେଉଁମାନେକି ଚାକଚକ୍ୟତାରେ ରହୁଛନ୍ତି, ଏବଂ ସେମାନଙ୍କର ପ୍ରାଣକୁ ଜଗତର ବିଷୟଗୁଡ଼ିକ ଉପରେ ପରିପୋଷିତ କରୁଛନ୍ତି, ସେମାନେ କଦାପି ଜାଣିବେ ନାହିଁ ଯେ କଅଣ ଘଟିଥିଲା, ଯେପର୍ଯ୍ୟନ୍ତକି ମଣ୍ଡଳୀ ମହିମାକୁ ନ ଚାଲିଯାଏ, କାରଣ ସେ ରାତ୍ରିରେ ଗୋଟିଏ ଚୋର ଆସିଲା ପରି ଆସିବେ ଓ ସେମାନଙ୍କୁ ସଙ୍ଗରେ ଧରି ନେଇଯିବେ। ତେଣୁକରି ଆମେମାନେ ଦେଖିପାରୁ ଯେ ଆମେ ପୁନର୍ବାର ସେହି ସମାନ ସ୍ଥାନକୁ ଫେରି ଆସିଅଛୁ। ବର୍ତ୍ତମାନ ଆମେମାନେ ଜାଣିବାକୁ ପାଉ, ଯେ, ଏହି ଆଶାଗୁଡିକ, ଯେ ପରମେଶ୍ୱର ସେମାନଙ୍କ ନିକଟକୁ ଆସନ୍ତି ଯେଉଁମାନେକି…ସମସ୍ତ ଶାସ୍ତ୍ର ମାଧ୍ୟମରେ, ଏହା ସେହି ସମାନ ବିଷୟ ରହିଛି। ଯେ ସେମାନେ…ସେ ସର୍ବଦା ସେମାନଙ୍କୁ ଦର୍ଶନ ଦିଅନ୍ତି ଯେଉଁମାନେକି ତାହାଙ୍କର ଆଶା କରୁଥାନ୍ତି, ସର୍ବଦା ସେମାନଙ୍କ ନିକଟରେ ଦର୍ଶନ ଦିଅନ୍ତି ଯେଉଁମାନେକି ତାହାଙ୍କୁ ଦେଖିବାକୁ ଇଚ୍ଛା କରୁଥାନ୍ତି। ଏବଂ ମୁଁ ନିଶ୍ଚିତ ଅଟେ ଯେ ତାହା ସେହି ଆଶା ଆଜି ରାତିରେ ଆମମାନଙ୍କ ହୃଦୟରେ ଅଛି।

44 ଏହା ପ୍ରାୟଃ ଛଅ ମାସ ପୂର୍ବେ ହେବ, ମୁଁ ମନେ କରେ, ମୁଁ କିଛି ଲୋକମାନଙ୍କୁ ସାକ୍ଷ୍ୟ ଦେଉଥିଲି। ଏବଂ ମୁଁ କହିଲି, "ଓଃ, ଏହା ବିଷୟରେ ଚିନ୍ତା କରିବା, ଯେ ଯେକୌଣସି ସମୟରେ ବି ସେ ଆସିଯିବେ!"

45 ଏବଂ ମୋତେ ତାହା କହିବା ପାଇଁ ଯାହା ପ୍ରବର୍ତ୍ତାଇ ଥିଲା, ମୁଁ ଭାଇ ବୋସୱର୍ଥଙ୍କ ବିଷୟରେ କହୁଥିଲି। ଯେତେବେଳେ ମୁଁ ସେହି ବୃଦ୍ଧ ସାଧୁଙ୍କୁ ଦେଖା କରିବାକୁ ଯାଇଥିଲି, ଯେତେବେଳେ ଆମେମାନେ ଶୁଣିଲୁ ଯେ ସେ ମୃତ୍ୟୁଶଯ୍ୟାରେ ଅଛନ୍ତି, ଅଶୀ-ଅଧିକ କିଛି ବର୍ଷ ବୟସରେ, ପତ୍ନୀ ଏବଂ ମୁଁ ସେଠାକୁ ଯାଇଥିଲୁ…ତାଙ୍କର ମୃତ୍ୟୁବରଣ ହେବା ପୂର୍ବରୁ ତାଙ୍କୁ ଦେଖିବା ପାଇଁ। ମୋତେ ତାଙ୍କୁ କେବଳ କିଛି କହିବାକୁ ଥିଲା। ମୁଁ ସାଧୁମାନଙ୍କୁ ଦେଖିବାକୁ ପସନ୍ଦ କରେ ଯେତେବେଳେ ସେମାନେ ମହିମାରେ ପ୍ରବେଶ କରୁଥାନ୍ତି, ଏବଂ ମୋତେ ତାଙ୍କୁ ଦେଖିବାକୁ ହିଁ ଥିଲା। ଏବଂ ଆମେ ଅତ୍ୟନ୍ତ କ୍ଷୀପ୍ର ବେଗରେ ଗାଡି ଚଲାଇ ସେଠାକୁ ଗଲୁ।

46 କିନ୍ତୁ ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ଏବଂ କବାଟ ଭିତରକୁ ଦୌଡ଼ିଗଲି, ଗୋଟିଏ କୋଣରେ ସେହି ପୁରୁଣା ପିତୃପୁରୁଷ ଶୋଇ ରହିଥିଲେ। ସେ ଯେତେବେଳେ ମୋତେ ଆସିବାର ଦେଖିଲେ ନିଜର ମୁଣ୍ଡକୁ ଉପରକୁ ଉଠାଇଲେ। ତାଙ୍କର ବୃଦ୍ଧ, ଦୁର୍ବଳ ବାହୁଗୁଡ଼ିକ, ଚମଡା ଝୁଲି ରହିଥିବା ଅବସ୍ଥାରେ, ସେଠାରେ ଥିଲା। ଏବଂ ସେ ତାଙ୍କର ହାତକୁ ମୋ ଆଡକୁ ବିସ୍ତାର କଲେ। ଏବଂ ମୁଁ ତାଙ୍କୁ ଗଳା ଦେଶରେ ଆଲିଙ୍ଗନ କରି ଚିତ୍କାର କଲି, "ମୋ

ପିତା, ମୋ ପିତା, ଇସ୍ରାଏଲର ରଥମାନ ଏବଂ ଅଶ୍ୱାରୋହୀଗଣ," କାରଣ ସେ ଜଣେ ସାଧୁ, ଧାର୍ମିକ ବ୍ୟକ୍ତି ଥିଲେ।

47 ଏବଂ ମୁଁ କହିଲି, "ଭାଇ ବୋସୱର୍ଥ, ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ। କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ଭଲ ହୋଇଯିବେ?"

ସେ କହିଲେ, "ଓଃ, ମୁଁ ତ ଅସୁସ୍ଥ ସୁଦ୍ଧା ନୁହେଁ।"

ମୁଁ କହିଲି, "ଆଚ୍ଛା, ତେବେ ମାମଲାଟି କଅଣ?"

48 ସେ କହିଲେ, "ମୁଁ ଘରକୁ ଯାଉଅଛି।" ସେ କହିଲେ, "ମୁଁ କ୍ଲାନ୍ତ ହୋଇଯାଇଛି, ଏବଂ ମୁଁ ଥକି ଯାଇଛି। ଏବଂ ମୁଁ କେବଳ ଘରକୁ ଯିବାକୁ ଚାହେଁ।"

49 ମୁଁ କହିଲି, "ତେବେ କଅଣ ଆପଣ ଅନୁଭବ କରୁଛନ୍ତି ଯେ ଆପଣ ମରୁଅଛନ୍ତି?" ମୁଁ କହିଲି, "ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ। ସତୁରି-ଅଧିକ କିଛି ବର୍ଷର ସେବାକାର୍ଯ୍ୟର ସେହି ବିଗତ ସମୟ ମଧ୍ୟରେ, ଆପଣଙ୍କର ସବୁଠାରୁ ଗୌରବମୟ କ୍ଷଣ କଅଣ ରହିଅଛି? ମହାଶୟ, କଅଣ ଆପଣ ମୋ ସହିତ କଥା ହୋଇ ପାରିବେ, ଏବଂ ସେହି ସମୟ ଦେଇ, ଆପଣଙ୍କର କଅଣ ଅଭିଜ୍ଞତା ରହିଥିଲା ମୋତେ କହିପାରିବେ କି, ଯାହାକୁ ଆପଣ ନିଜର ସବୁଠୁ ଶ୍ରେଷ୍ଠ ସମୟ ବୋଲି ଗଣନା କରିପାରିବେ।"

50 ମୁଁ ତାଙ୍କ ବୟସ ଯାଏଁ ଜୀବିତ ରହି ଦେଖିବାକୁ ଚାହିଁବି, ମୁଁ କଦାପି ଭୁଲିବି ନାହିଁ, ଯେତେବେଳେ ସେହି କଳା ଆଖିଗୁଡାକ, ସେହି ଚଷମା ଉପରେ ମୋତେ ଚାହିଁଥିଲା। ସେ କହିଲେ, "ମୋର ପ୍ରିୟ ଭାଇ, ଏହା ହିଁ ମୋ ଜୀବନର ସବୁଠାରୁ ମହାନ କ୍ଷଣ ଅଟେ। ମୁଁ ଅନ୍ୟ କୌଣସି ସମୟ ବିଷୟରେ ଭାବିପାରେ ନାହିଁ ଯାହାକି ଏହାଠାରୁ ଅଧିକ ମହିମାମୟ ଥିଲା ଯାହା ବର୍ତ୍ତମାନ ଅଟେ।"

51 ମୁଁ ତାଙ୍କୁ ମୁହଁରେ ଚାହିଁଲି, ଏବଂ ମୁଁ କହିଲି, "ମହାଶୟ, କଅଣ ଆପଣ ବର୍ତ୍ତମାନ ସୁଦ୍ଧା ଏହା ଜାଣିଛନ୍ତି ଯେ ଆପଣ ମୃତ୍ୟୁବରଣ କରୁଛନ୍ତି?"

52 ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଏଠାରେ ପଡ଼ି ରହି, ପ୍ରତ୍ୟେକ ମିନିଟ୍ ତାହାଙ୍କ ନିମନ୍ତେ ଅପେକ୍ଷା କରି ରହୁଅଛି ଯେ ସେ ସେହି ଦ୍ୱାରକୁ ଖୋଲିବେ ଏବଂ ଆସିବେ, ମୋତେ ତାଙ୍କ ସହିତ ଘରକୁ ନେଇଯିବେ।" ତାହାହିଁ ହେଉଛି ମରିବାର ଉପାୟ। ତାହାହିଁ ହେଉଛି ଯିବାର ସଠିକ ଉପାୟ।

53 ଏବଂ ଯେପରି ଆପଣ ଜାଣନ୍ତି, ମୃତ୍ୟୁର ପ୍ରାୟଃ ଦୁଇ ଘଣ୍ଟା ପୂର୍ବରୁ...ସେ, ଦୁଇ ଦିନରୁ ଅଧିକ ସମୟ ହେବ, ଅଚେତ୍ ଅବସ୍ଥାରେ ଶୋଇ ରହିଥିଲେ। ଏବଂ ଯେତେବେଳେ ସେ ନିଜ ଚେତା ଫେରି ପାଇଲେ, ସେ କୋଠରୀରେ ଉଠିଲେ, ଏବଂ ତାଙ୍କ ପତ୍ନୀଙ୍କ ସହ କଥା ହେବାକୁ ଲାଗିଲେ। ତାହାପରେ, ହଠାତ୍ ହିଁ, ସେ ସ୍ପଷ୍ଟ ଦିଶିବାକୁ ଲାଗିଲେ। ଆଉ ସେ ସମ୍ପୂର୍ଣ୍ଣ ଗୋଟିଏ ଘଣ୍ଟା କିମ୍ବା ତାହାଠାରୁ ଅଧିକ ସମୟ ହେବ, ନିଜର ସେହି ବନ୍ଧୁମାନଙ୍କ ସହ, ହାତ

ମିଶାଇଥିଲେ, ଯେଉଁମାନେକି ଚାଳିଶ କିମ୍ଵା ପଚାଶ ବର୍ଷ ହେବ ମୃତ୍ୟୁବରଣ କରିଥିଲେ, ଯେଉଁମାନେକି ତାଙ୍କ ମଣ୍ଡଳୀରେ ତାଙ୍କ ଦ୍ଵାରା ମନଫେରଣ କରି ପରିବର୍ତ୍ତିତ ହୋଇଥିଲେ। ନିଜର ମାଆ ଏବଂ ବାପାଙ୍କ ସହିତ ହାତ ମିଶାଇଥିଲେ। ଯେପର୍ଯ୍ୟନ୍ତକି ସେ...ଜୀବନ ତାଙ୍କ ଶରୀରକୁ ଛାଡି ଦେଇଥିଲା, ଯାହାକି ସେଠାରେ ତକିଆ ଉପରେ ପଡ଼ି ରହିଥିଲା, ଏବଂ ପ୍ରଭୁ ଯୀଶୁଙ୍କ କୋଳରେ ନିଦ୍ରା ଯାଇଥିଲା। ତାହାଙ୍କୁ ଆଶା କରି, ତାହାଙ୍କର ସେବା କରିବା ଭଳି ଆଉ କୌଣସି ବିଷୟ ହିଁ ନାହିଁ।

54 ଏବଂ ଯେତେବେଳେ ମୁଁ ଏହି ବ୍ୟକ୍ତିଙ୍କ ସହିତ ଏହି ବିଷୟରେ କଥାବାର୍ତ୍ତା କରୁଥିଲି, ଏବଂ ସେହି ଅଭିଜ୍ଞତାକୁ କହୁଥିଲି, ମୁଁ ଏହା କହିଲି। ମୁଁ କହିଲି, "ମହାଶୟ, ଓଃ, କଅଣ ଯେତେବେଳେ ଆମେମାନେ ତାହାଙ୍କୁ ଦେଖିବା ଏହା ମହିମାମୟ ହେବ ନାହିଁ କି? ଓଃ, ଯଦି ସେ ଆଜି ଆସିଯିବେ!"

ସେ କହିଲେ, "ଭାଇ ବ୍ରାନହାମ୍, ସେହିପରି ଭାବରେ ଲୋକମାନଙ୍କୁ ଭୟଭୀତ କରନ୍ତୁ ନାହିଁ।"

ମୁଁ କହିଲି, "ଆପଣଙ୍କ କହିବାର ଅର୍ଥ କଅଣ?"

55 ସେ କହିଲେ, "ଓଃ, ଲୋକମାନଙ୍କୁ ଏହା କହିବାକୁ ଚେଷ୍ଟା କରନ୍ତୁ ନାହିଁ ଯେ ଜଗତ ଆସୁଛି, କିମ୍ଵା ଖ୍ରୀଷ୍ଟ ଆସୁଛନ୍ତି। ଏହା ସେମାନଙ୍କୁ ବିଚଳିତ କରି ଦିଏ।"

56 "ଓଃ," ମୁଁ କହିଲି, "ନା। ମୋତେ କ୍ଷମା କରନ୍ତୁ। ଯେଉଁମାନେ ତାହାଙ୍କୁ ଅପେକ୍ଷା କରୁଛନ୍ତି ସେମାନଙ୍କ ପାଇଁ, ଏହା ହେଉଛି ସବୁଠାରୁ ମହିମାମୟ ଖବର ଯାହା ସେମାନେ ଶୁଣିପାରିବେ, ଯେ ଯୀଶୁ ଠିକ ଆସିବା ନିମନ୍ତେ ଓ ନିଜ ମଣ୍ଡଳୀକୁ ନେଇଯିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି।" ବୃଦ୍ଧାବସ୍ଥା ଯୌବନକୁ ପରିବର୍ତ୍ତିତ ହୋଇଯିବ। ନିରାଶା ପରିବର୍ତ୍ତେ ଆନନ୍ଦ ଖେଳାଇଯିବ। ମୃତ୍ୟୁ ବଦଳରେ ଜୀବନ ଖେଳାଇଯିବ। ମରଣଶୀଳ ପରିବର୍ତ୍ତେ ଅମରତାକୁ, ବିନିମୟ କରାଯିବ। ଓଃ, ତାହା ଜାଣିବା ଯେ ସେ ଆସିବେ, କି ଏକ କ୍ଷଣ ଅଟେ!

57 ସେମାନେ ତାହାଙ୍କର ଅପେକ୍ଷା କରୁଥିଲେ। ସେମାନେ ତାହାଙ୍କୁ ଆଶା କରୁଥିଲେ। ଏବଂ ଯେତେବେଳେ ସେ ଆସିଲେ, ଆମେମାନେ ପାଉ ଯେ ସେଠାରେ ଦୁଇଟି ଗୋଷ୍ଠୀ ଥିଲେ। ଗୋଟିଏ ଗୋଷ୍ଠୀ ତାଙ୍କ ସପକ୍ଷରେ ଥିଲେ, ଏବଂ ଗୋଟିଏ ଗୋଷ୍ଠୀ ତାଙ୍କ ବିରୁଦ୍ଧରେ ଥିଲେ।

58 ଏବଂ ସେହିପରି ଭାବରେ ତ ଆଜି ଆମେମାନେ ପାଉ। ତାହାହିଁ ଅଟେ ଯେ, ତାହାଙ୍କର ଆଗମନ, ସର୍ବଦା ଲୋକମାନଙ୍କୁ ବିଭକ୍ତ କରିଥାଏ। ପ୍ରତ୍ୟେକ ଥର, ଯେତେବେଳେ ଆପଣ ଯୀଶୁଙ୍କୁ ପାଇବେ, ଆପଣ ସେହି ଲୋକମାନଙ୍କୁ ଆଖପାଖରେ ପାଇବେ ଯେଉଁମାନେକି ଏହାର ବିରୁଦ୍ଧରେ ଥାଆନ୍ତି। ତାହା ହେଉଛି ଶୟତାନ। ଏବଂ, ଆଜି, ଯେତେବେଳେ ଆମେ ଏହା ବିଷୟରେ ଚିନ୍ତା କରୁ, ଆମେ ଅଧିକ ପରିବର୍ତ୍ତନ ଦେଖୁ ନାହୁଁ। ଠିକ୍ ସେହିପରି ସମାନ ଅଟେ। ଲୋକମାନେ ବଦଳି ଯାଇଛନ୍ତି, କିନ୍ତୁ ଲୋକମାନଙ୍କର ଆତ୍ମା ପରିବର୍ତ୍ତନ ହୋଇନାହିଁ।

59 ଅତଏବ ଯେତେବେଳେ ସେମାନେ ଶେଷରେ ଫାଟକ ବାହାରକୁ ଅନାଇଲେ ଏବଂ ତାହାଙ୍କୁ ସେହି ଛୋଟ, ଧଳା ଗଧ ଉପରେ, ଚଢି ଆସୁଥିବାର ଦେଖିଲେ, ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଶିଷ୍ୟମାନେ ଚିତ୍କାର କରିବାକୁ—କୁ ଆରମ୍ଭ କରିଥିଲେ, "ସ୍ୱର୍ଗରାଜ୍ୟ ଆସିଅଛି!" ଲୋକମାନେ ତାହାଙ୍କୁ ସାକ୍ଷାତ କରିବା ପାଇଁ ଦୌଡ଼ିଗଲେ, ଏବଂ ସମସ୍ତ ଯିରୁଶାଲମ ଉତ୍ତେଜିତ ହୋଇ ଉଠିଥିଲା । ଏହା ବିଷୟରେ କିଛି ଗୋଟାଏ ଅଛି, ଯେତେବେଳେ ବି ଯୀଶୁ ଆସନ୍ତି, ଏହା ସର୍ବଦା ଏକ ଉତ୍ତେଜନା ହୋଇଥାଏ । ଏବଂ ସମଗ୍ର ସହର ଉତ୍ତେଜିତ ହୋଇ ଉଠିଥିଲା । ଏବଂ ସେମାନେ—ସେମାନେ ଏହାକୁ ଲୁଚାଇ ପାରିଲେ ନାହିଁ ।

60 ଏବଂ ସେହି ଦିନର ପ୍ରଚାରକମାନଙ୍କୁ ଏହି ଉତ୍ତେଜନା ପାଇଁ ଏକ ହିସାବ ଦେବାକୁ ପଡିଥିଲା, କାରଣ ଏହା ନିସ୍ତାରପର୍ବରେ ହୋଇଥିଲା । ଏବଂ ସେମାନେ ଚିତ୍କାର କରି ଉଠିଲେ, "ଏ କିଏ?" ଯେତେବେଳେ ବାତାବରଣଟି ଚହଳ ପଡ଼ିଥିଲା, ଏବଂ ପ୍ରଭୁ ଯୀଶୁଙ୍କର, ଯିରୁଶାଲମକୁ ଆଗମନ କରିବା, ବାତାବରଣଟିକୁ ଆଶାରେ ଚହଳ ପକାଇ ଦେଇଥିଲା, ଏପରି ଦେଖା ଯାଉଥିଲା ଯେପରିକି ଶିକ୍ଷକମାନେ ଏହା ଜାଣିବା ଉଚିତ୍ ଯେ କଅଣ ଘଟିବାକୁ ଯାଉଥିଲା । ଏହା ଏପରି ଦେଖାଯାଉଥିଲା ଯେପରିକି ସେହି ମହାଯାଜକ ଏହାକୁ ଜାଣିଥିବେ । ଏହା ଏପରି ଦେଖା ଯାଉଥିଲା ଯେପରିକି ଅନ୍ୟ ସମସ୍ତ ଯାଜକମାନେ ଏହା ଜାଣିଥିବେ ।

61 ଏବଂ ଆଜି ମଧ୍ୟ, ଏହା କୌଣସି ମତେ ପରିବର୍ତ୍ତନ ହୋଇନାହିଁ, କାରଣ ପବିତ୍ରଆତ୍ମା ପ୍ରଭୁ ଯୀଶୁଙ୍କ ଆଗମନର ଅଗ୍ରଧାବକ ଭାବେ ଆସୁଛନ୍ତି । ଏବଂ ଯେତେବେଳେ ପବିତ୍ରଆତ୍ମା ପୃଥିବୀରେ ବିସ୍ତାର କରିବାକୁ ଲାଗିଲେ, ଉଦ୍ଦୀପନାର ଅଗ୍ନିମାନ ସବୁଆଡେ, ବ୍ୟାପି ଯାଇଅଛି, ମହାନ ଚିହ୍ନ ଓ ଆଶ୍ଚର୍ଯ୍ୟ କର୍ମମାନ ସାଧନ କରା ଯାଇଅଛି, ଆରୋଗ୍ୟତା ସାଧନ ହୋଇଅଛି, ଭବିଷ୍ୟତ୍‌ବାଣୀମାନ କୁହା ଯାଇଅଛି । ପ୍ରେରିତିକ ଆଶୀର୍ବାଦର ସମସ୍ତ ସମାବେଶ ପୁଣିଥରେ ମଣ୍ଡଳୀକୁ ଫେରିଆସିଛି । ଅତଏବ, ଯେପରିକି ଏହା ସେହି ଦିନରେ ଥିଲା, ବର୍ତ୍ତମାନ ମଧ୍ୟ ସେହିପରି ଅଟେ, ଅବିଶ୍ୱାସୀଙ୍କର ଆତ୍ମା ଏବେ ମଧ୍ୟ ଚିତ୍କାର କରେ, "ଏ କିଏ?"

62 ସେମାନଙ୍କ ମଧ୍ୟରୁ କେତେକେ ପ୍ରଭୁ ଯୀଶୁଙ୍କ ଉପରେ ବିଶ୍ୱାସ କରିଥିଲେ, ସେ ଜଣେ ଭଲ ମଣିଷ ବୋଲି କହିଥିଲେ । ସେମାନଙ୍କ ମଧ୍ୟରୁ କେତେକ କହିଲେ, "ସେ ଜଣେ ଭଲ ମଣିଷ ।"

63 ତାହାହିଁ ଅଟେ ଯାହାକି ସେମାନେ ଆଜି କୁହନ୍ତି । ସେମାନେ ତାହାଙ୍କୁ ଜଣେ ନାପୋଲିଅନ୍, ଜଣେ ଯୋଦ୍ଧା ଭାବରେ ଉପସ୍ଥାପିତ କରିବାକୁ ଚେଷ୍ଟା କରନ୍ତି । ସେମାନେ ତାହାଙ୍କୁ ଜଣେ—ଜଣେ ଜର୍ଜ ୱାଶିଂଟନ୍, ଜଣେ ସତ୍ୟବାଦୀ ବ୍ୟକ୍ତି ଭାବରେ ଉପସ୍ଥାପିତ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସେ ତାହାଠାରୁ ଅଧିକ ଥିଲେ ।

64 କଅଣ ଆପଣ ଶାସ୍ତ୍ର ପାଠ କରାଯିବାକୁ ଲକ୍ଷ୍ୟ କଲେ କି? ସେମାନେ କହିଥିଲେ, "ଏହା ଜଣେ ଭବିଷ୍ୟଦ୍‌ବକ୍ତା ଯିଏକି ଗାଲିଲୀରୁ ଆସିଛନ୍ତି ।"

65 ଏବଂ ସେମାନେ ଆଜି ସେହି ସମାନ କଥା କହିବାକୁ ଚେଷ୍ଟା କରନ୍ତି, ଯେତେବେଳେ

ସେମାନେ ପ୍ରଭୁଙ୍କର ଏହି ମହାନ ପଦକ୍ଷେପକୁ ଦେଖନ୍ତି: ଯେ ଉତ୍ତମ ସ୍ୱାସ୍ଥ୍ୟକୁ, ଫେରାଇ ଅଣାଯାଏ, ରୋଗୀ ଏବଂ ପୀଡିତମାନଙ୍କୁ ସୁସ୍ଥ କରାଯାଏ; ତାହାଙ୍କ ମଣ୍ଡଳୀରେ ତାହାଙ୍କର ଆତ୍ମାକୁ ବ୍ୟବହାର କରିବାର ଦେଖାଯାଏ, ଲୋକମାନଙ୍କ ହୃଦୟର ଚିନ୍ତାଧାରାଗୁଡିକୁ ଜଣାଇ ଦିଆଯାଏ; ତାହାଙ୍କୁ ଠିକ ସେହିପରି ଭାବରେ କାର୍ଯ୍ୟ କରୁଥିବାର ଦେଖାଯାଏ ଯେପରିକି ସେ ପୃଥିବୀରେ ଥିବା ସମୟରେ କରିଥିଲେ, ଏହାକୁ ସଫଳ କରାଯାଏ ଯାହା ହେବ ବୋଲି ସେ କହିଥିଲେ; ନିଶ୍ଚିତ ଭାବରେ, ମଣ୍ଡଳୀ ଏବଂ ଲୋକମାନେ, ଏହା ପଚାରିଥିଲେ, "ଏ କିଏ?"

66 ସେମାନେ ବୁଝି ନ ଥିଲେ ଯେ ଯୀଶୁ କିଏ ଥିଲେ, କାରଣ ସେମାନଙ୍କ ମଧ୍ୟରୁ କେହି ହେଲେ ତାହାଙ୍କୁ, ସେମାନଙ୍କର ବିଦ୍ୟାଳୟ ଦ୍ୱାରା ଚିହ୍ନି ପାରନ୍ତି ନାହିଁ। "ସେ କେଉଁ ଧାର୍ମିକ ବିଦ୍ୟାଳୟରୁ ଆସିଥିଲେ? ସେ କେଉଁ ଧର୍ମଶାସ୍ତ୍ରୀୟ ବିଦ୍ୟାଳୟରୁ ଆସିଥିଲେ?"

67 ଆଜି ମଧ୍ୟ ତାହା ସେହିପରି ଅଟେ। ପବିତ୍ରଆତ୍ମାଙ୍କ ଦ୍ୱାରା ଅଭିଷିକ୍ତ ହୋଇଥିବା ଅଧିକାଂଶ ଲୋକେ କୌଣସି ଧାର୍ମିକ ବିଦ୍ୟାଳୟରୁ ଆସି ନାହାଁନ୍ତି। ସେମାନେ ପରମେଶ୍ୱରଙ୍କ ନିଜର ପସନ୍ଦର ଉତ୍ପାଦ ଅଟନ୍ତି। ମାତ୍ର ସେହି ଚିହ୍ନ ଏବଂ ଚମତ୍କାରମାନ, ଏବଂ ଆଶ୍ଚର୍ଯ୍ୟ କର୍ମମାନ ଯାହା ବାଇବଲରେ ପ୍ରତିଜ୍ଞା କରାଯାଇଥିଲା, ଏହି ମହାନ ପବିତ୍ରଆତ୍ମାଙ୍କ ସହିତରେ ରହିଥାନ୍ତି ଯେତେବେଳେ ଏହା ଲୋକମାନଙ୍କ ମଧ୍ୟରେ ବିଚରଣ କରିଥାଏ।

68 ଏବଂ ସେମାନେ ଆଜି କୁହନ୍ତି, "ସେମାନେ କେଉଁ ବିଦ୍ୟାଳୟରୁ ଆସିଛନ୍ତି?" ଆପଣ ଏକ ଉଦ୍ଦୀପନା ସଭା କରିବା ନିମନ୍ତେ, ଏକ ସହରରେ ପ୍ରବେଶ କରିବା ମାତ୍ରକେ, "ଆପଣ କେଉଁ ନାମଧାରୀ ସଂସ୍ଥାରୁ ଅଟନ୍ତି?"

69 ଶୁକ୍ରବାର ଦିନ ଅପରାହ୍ନରେ ଲୁଇସ୍‌ଭିଲେର ଆଇରିଶ ମଣ୍ଡଳୀର ରୋମାନ କ୍ୟାଥୋଲିକ ପୁରୋହିତଙ୍କ ସହ, ମୋର ଏକ ସାକ୍ଷାତକାର ହୋଇଥିଲା। ଏବଂ ଯେମିତି ହିଁ ମୋତେ ତାଙ୍କ ସହିତ ପରିଚୟ କରାଗଲା, ଯିଏକି ଜଣେ ଉତ୍ତମ ପଣ୍ଡିତ ବ୍ୟକ୍ତି ଥିଲେ, ସେ କହିଲେ, "ଶ୍ରୀମାନ ବ୍ରାନହାମ୍, ଆପଣ କେଉଁ ନାମଧାରୀ ସଂସ୍ଥା ସହିତରେ ଅଛନ୍ତି?"

ମୁଁ କହିଲି, "ମୁଁ କୌଣସି ସହିତରେ ନାହିଁ।"

ଏବଂ ତାହାପରେ, ସେ କହିଲେ, "କଅଣ ଆପଣ ନିଯୁକ୍ତ କରାଯାଇଛନ୍ତି କି?"

ମୁଁ କହିଲି, "ହଁ, ଆଜ୍ଞା।"

ସେ କହିଲେ, "କିଏ ଆପଣଙ୍କୁ ନିଯୁକ୍ତ କଲା?"

70 ମୁଁ କହିଲି, "ପ୍ରଭୁ ଯୀଶୁ ମୋତେ ସୁସମାଚାର ପ୍ରଚାର କରିବା ନିମନ୍ତେ, ପବିତ୍ରଆତ୍ମା ପ୍ରଦାନ କଲେ, ଏବଂ ମୋତେ ଏକ କାର୍ଯ୍ୟଭାର ଦେଲେ।" ଠିକ୍, ତାହାହିଁ ତ ସେହି ନିଯୁକ୍ତି ଯାହା ଆମର ଆବଶ୍ୟକତା ଅଟେ।

71 ଯୀଶୁ ନିଜ ଶିଷ୍ୟମାନଙ୍କୁ କଦାପି ଏହା କହିଲେ ନାହିଁ, "ତାଙ୍କ ନିକଟକୁ ଯାଅ..." ମୁଁ ସେହି ବିଷୟଗୁଡିକୁ ସମାଲୋଚନା କରୁନାହିଁ, ମାତ୍ର ସେମାନେ ତାହାଙ୍କର ଦିନ ଅତିକ୍ରମ କରି

ଯାଇଛନ୍ତି । ସେ କହି ନାହାଁନ୍ତି, "ଯାଅ, ଜଣେ ସେବକ ହେବା ପାଇଁ, *ଏତେ-ଅଧିକ* ବର୍ଷ ଧରି ଅଧ୍ୟୟନ କର ।"

72 ସେ କହିଲେ, "ଯାଇ ଯିରୁଶାଲମ ନଗରରେ ରୁହ, ଯେପର୍ଯ୍ୟନ୍ତକି ତୁମେ ଊର୍ଦ୍ଧ୍ୱରୁ ଶକ୍ତି ପ୍ରାପ୍ତ ନ ହୁଅ ।" ସେ ତାହା ସେହି ଲୋକମାନଙ୍କୁ କହିଥିଲେ ଯେଉଁମାନେକି ନିଜ ନାମରେ ଦସ୍ତଖତ କରିପାରୁ ନ ଥିଲେ । "ଏବଂ ଏହା ଉତ୍ତାରେ, ପବିତ୍ରଆତ୍ମା ତୁମମାନଙ୍କ ଉପରକୁ ଓହ୍ଲାଇ ଆସିବେ, ତେବେ ତୁମେମାନେ ମୋର ସାକ୍ଷୀ ହେବ, ଉଭୟ ଯିରୁଶାଲମ, ଯିହୁଦା ପ୍ରଦେଶ, ଶମିରୋଣରେ ଏବଂ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ।" ତାହା ହେଉଛି ନିଯୁକ୍ତି ।

73 ଆମ ପାଖରେ ଯୀଶୁ କୌଣସି ବିଦ୍ୟାଳୟକୁ ଯାଇଥିବା କିମ୍ବା କୌଣସି ଧାର୍ମିକ ଶିକ୍ଷଣ ସଂସ୍ଥାରୁ ସ୍ନାତକ ଉପାଧି ହାସଲ କରିଥିବାର କୌଣସି ଲେଖା ନାହିଁ । ତଥାପି, ଧାର୍ମିକ କାରଣ ଯୋଗୁଁ, ତାହାଙ୍କ ନାମରେ ଅଧିକ ଧାର୍ମିକ ଶିକ୍ଷଣ ସଂସ୍ଥାମାନ ସ୍ଥାପିତ ହୋଇଅଛି, ଯେତିକିକି ଅପେକ୍ଷାକୃତ ଅନ୍ୟ କୌଣସି—ଅନ୍ୟ କୌଣସି ଜିନିଷ ପାଇଁ ରହିଅଛି ଯାହାକି କେବେ ଜଗତରେ ଥିଲା । ଆମ ପାଖରେ ତାହାଙ୍କର କେବେ ବିଦ୍ୟାଳୟକୁ ଯିବା ବିଷୟରେ କଦାପି କୌଣସି—କୌଣସି ଲେଖା ନ ଥିଲା । କିନ୍ତୁ, ତଥାପି, ତାହାଙ୍କ ନାମରେ ଅଧିକ ବିଦ୍ୟାଳୟମାନ ନିର୍ମାଣ ହୋଇଅଛି ଯେତିକିକି ଅପେକ୍ଷାକୃତ ଆକାଶ ତଳେ ଅନ୍ୟ କୌଣସି ପ୍ରକାରର ଏକ ନାମରେ ଅଟେ, ସେହି ବିଦ୍ୟାଳୟଗୁଡ଼ିକ । ଆମେମାନେ କଦାପି ତାହାଙ୍କୁ ଏକ ପୁସ୍ତକ ଲେଖିଥିବା ବିଷୟରେ ଜାଣି ନାହୁଁ । ତଥାପି, ତାହାଙ୍କ ବିଷୟରେ ଏତେ ଅଧିକ ପୁସ୍ତକ ଲେଖା ହୋଇଛି, ଯାହାକି ଅପେକ୍ଷାକୃତ ଅବଶିଷ୍ଟ ଲେଖାଯାଇଥିବା ସାହିତ୍ୟଠାରୁ ତାହା ଅଧିକ ଅଟେ । ଏବଂ, ଆଜି, ତାହାଙ୍କର ବାଇବଲ ହେଉଛି ସବୁଠାରୁ ଲୋକପ୍ରିୟ ପୁସ୍ତକ, ଯାହାକି ସେଠାରେ ସମଗ୍ର ଜଗତରେ ସମସ୍ତ ସାହିତ୍ୟ ମଧ୍ୟରେ ଅଟେ ।

74 ମାତ୍ର, ଆପଣ ଦେଖନ୍ତୁ, ପରିଦର୍ଶନ ଦିନରେ, ସେମାନେ ଚିତ୍କାର କରିଥିଲେ, "ସେ କିଏ?"

75 ଦେଖନ୍ତୁ, ପରମେଶ୍ୱର ଏପରି କିଛି ବିଷୟକୁ ନିଅନ୍ତି ଯାହାକି ନଗଣ୍ୟ ପରି ଦିଶେ, ଯେ ଏଥିରୁ କିଛି ପ୍ରସ୍ତୁତ କରନ୍ତି । ତାହା ହିଁ ଅଟେ ଯାହାକି ତାହାଙ୍କୁ ପରମେଶ୍ୱର କରି ଗଢି ତୋଳେ ।

76 ଏବଂ ଯେତେବେଳେ ସେମାନେ ତାହାଙ୍କୁ, ଗଧ ଚଢି ସେହି ଫାଟକ ଭିତରକୁ ପ୍ରବେଶ କରୁଥିବାର ଦେଖିଲେ, ସେମାନଙ୍କ ମଧ୍ୟରୁ କେତେକେ କହିଲେ, "ସେ ଜଣେ ମହାନ ବ୍ୟକ୍ତି ।"

77 ସେମାନେ ଆଜି ମଧ୍ୟ ତାହା କୁହନ୍ତି । ଧର୍ମଶାସ୍ତ୍ରୀୟ ବିଦ୍ୟାଳୟମାନ ଅଛନ୍ତି ଯାହାକି, ଆଜି ଶିକ୍ଷା ଦିଅନ୍ତି, ଯେ ଯୀଶୁ ଜଣେ ମହାନ ବ୍ୟକ୍ତି ଥିଲେ, ଯେ ସେ ଜଣେ ଭଲ ବ୍ୟକ୍ତି ଥିଲେ । ସେମାନଙ୍କ ମଧ୍ୟରୁ କେତେକେ ଏପରି ମଧ୍ୟ କୁହନ୍ତି ଯେ ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ବର୍ତ୍ତମାନ, ଯଦି ସେ କେବଳ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, କିମ୍ବା ଜଣେ ଭଲ ବ୍ୟକ୍ତି ଥିଲେ, ତେବେ ଆମେମାନେ ଆମ ପାପରେ ରହିଅଛୁ । ସେ ଜଣେ ଭବିଷ୍ୟଦ୍‌ବକ୍ତାଠାରୁ ଅଧିକ

ଥିଲେ । ସେ ଜଣେ ଭଲ ବ୍ୟକ୍ତିଠାରୁ ଅଧିକ ଥିଲେ । ତଥାପି, ସେ ଜଣେ ଭଲ ବ୍ୟକ୍ତି ଥିଲେ । ତଥାପି, ସେ ଜଣେ ପରମେଶ୍ୱର-ଭବିଷ୍ୟଦ୍‌ବକ୍ତା ଥିଲେ । ମାତ୍ର ସେ ତାହାଠାରୁ ଅଧିକ ଥିଲେ । ପାପ ଦୂର କରିବା ନିମନ୍ତେ, ସେ ଶରୀରରେ ପ୍ରକଟିତ ପରମେଶ୍ୱର ଥିଲେ ।

78 ଏବଂ ଯେତେବେଳେ, ସେ ଗଧ ଚଢି ଆସିଲେ, ଅନେକ ଲୋକମାନେ କହିଲେ, “ସେ ଜଣେ ଆରୋଗ୍ୟଦାତା । ଓଃ, ଆମେ ତାହାଙ୍କୁ ଅନ୍ଧମାନଙ୍କ ଆଖି ଖୋଲିଥିବାର ଦେଖିଅଛୁ । ଆମେ ତାହାଙ୍କୁ ସେହି ପଙ୍ଗୁ ଲୋକକୁ ଚାଲିବାକୁ ଦେଇଥିବାର ଦେଖିଅଛୁ । ଆମେ ଦେଖିଛୁ ଯେ ସେ ପ୍ରାର୍ଥନା କଲେ, ଏବଂ ଜ୍ୱର ପିଲାଟିକୁ ଛାଡି ଦେଇଥିଲା ।” ମାତ୍ର, ତେବେ, ସେହି ପ୍ରକାରର ଲୋକମାନେ କେବଳ ରୁଟି ଏବଂ ମାଛ ପାଇଁ ତାହାଙ୍କୁ ଅନୁସରଣ କରୁଥିଲେ ।

79 ଏବଂ ଠିକ ସେହିଭଳି ଆଜି ସେହି ଭିଡ଼ ଅଟେ, ଅନେକେ । ଯଦି ଜଣେ ଆରୋଗ୍ୟକାରୀ ରହିଥାନ୍ତି, ତେବେ କାହିଁକି, ସେମାନେ—ସେମାନେ ତ ତାହାଙ୍କୁ ଅନୁସରଣ କରନ୍ତି, ଏବଂ ସେ ତ କେବଳ—ସେ ତ କେବଳ ମରୁଭୂମିରେ ଏକ ତୃଣ ସଦୃଶ ଅଟନ୍ତି । ଯଦି ସେମାନେ ଅସୁସ୍ଥ ହୋଇଯାଆନ୍ତି, ସେମାନେ ଦୌଡି ଯାଆନ୍ତି, କୁହନ୍ତି, “ଓଃ, କଅଣ ଆପଣ ଦୟାକରି ମୋ ପାଇଁ ପ୍ରାର୍ଥନା କରିବେ, ଯେପରିକି ପ୍ରଭୁ ଯୀଶୁ ମୋତେ ସୁସ୍ଥ କରନ୍ତି?” ଏବଂ ସେମାନେ ହସ୍ପିଟାଲରୁ ବାହାରିବା ମାତ୍ରେ, କିମ୍ବା ଅସୁସ୍ଥ ଶଯ୍ୟାରୁ ଉଠିବା ମାତ୍ରେ, ସେମାନେ ଠିକ ସେହି ଜଗତ ମଧ୍ୟକୁ ଫେରିଯାଆନ୍ତି, ଯେପରିକି ଶାସ୍ତ୍ର କୁହେ, ଯେ କୁକୁର ତାର ବାନ୍ତି ନିକଟକୁ ଫେରିଯାଏ, କିମ୍ବା ଗୋଟିଏ ଘୁଷୁରୀ ତାର କାଦୁଅ ନିକଟକୁ ଫେରିଯାଏ । ସେମାନେ ତାହାଙ୍କୁ କେବଳ ଏଇଥି ପାଇଁ ଅନୁସରଣ କରନ୍ତି ଯେ ସେମାନେ ତାହାଙ୍କଠାରୁ କଅଣ ଉତ୍ତମ ବିଷୟ ପାଇପାରିବେ । ସେମାନେ ତାହାଙ୍କୁ କେବଳ ଗୋଟିଏ—ଗୋଟିଏ ଯାଦୁକର ବାଡି ରୂପେ ବ୍ୟବହାର କରନ୍ତି, କିମ୍ବା—କିମ୍ବା ଏପରି କିଛି ଭାବରେ ଯାହାକି—ଯାହାକି ସେମାନେ ତାହାଙ୍କଠାରୁ ପାଇପାରିବେ, ଏବଂ ତାହାଙ୍କର ସେବା କରିବାକୁ ଆଶା ନ କରନ୍ତି । ସେହି ଭିଡ଼ ଆଜି ବି ଜାରି ରହିଛି ।

80 ସେଠାରେ ନଅ ଜଣ କୁଷ୍ଠରୋଗୀଙ୍କୁ ସୁସ୍ଥ କରା ଯାଇଥିଲା, ଏବଂ ଜଣେ ତାହାଙ୍କୁ ପ୍ରଶଂସା କରିବା ନିମନ୍ତେ ଫେରି ଆସିଥିଲା । କିଅବା କଅଣ ତାହା ଦଶଟି ଥିଲା? ସେମାନେ, ସେମାନଙ୍କ ମଧ୍ୟରୁ ଜଣେ, ତାହାଙ୍କୁ ପ୍ରଶଂସା କରିବା ନିମନ୍ତେ ଫେରି ଆସିଥିଲା, ଏବଂ ଅବଶିଷ୍ଟମାନେ, କୃତଘ୍ନ ହୋଇ ଚାଲି ଯାଇଥିଲେ ।

81 ଏବଂ ଯଦି ଆମେରିକାର ଲୋକମାନେ, ଯେଉଁମାନେକି ପରମେଶ୍ୱରଙ୍କ ଶକ୍ତି ଦ୍ୱାରା ସୁସ୍ଥ ହୋଇଥାନ୍ତି, ସେମାନଙ୍କର ହୃଦୟଗୁଡିକୁ ପରମେଶ୍ୱରଙ୍କ ନିକଟକୁ ଫେରାଇବେ, ତାହାହେଲେ ଏହି ରାଷ୍ଟ୍ରରେ ଉଦ୍ଦୀପନାର ଏକ ଲହଡି ହୋଇଯିବ ଯାହାକି ପ୍ରତ୍ୟେକ ମଦ୍ୟପକୁ କ୍ଷାନ୍ତ କରିଦେବ, ଯାହା...ବୋତଲ ଭର୍ତ୍ତି କରିବା କାରଖାନାଗୁଡିକୁ ଏବଂ ୱିସ୍କି ମଦ ଦୋକାନଗୁଡିକୁ ଦୃଶ୍ୟରୁ ହିଁ ବାଦ କରିଦେବ । ଗୀର୍ଜାଗୁଡ଼ିକ ପରିପୂର୍ଣ୍ଣ ହୋଇଯିବ । ରବିବାର ରାତିରେ ପ୍ରେକ୍ଷାଳୟଗୁଡ଼ିକ ଖାଲି ରହିଯିବ । ଏବଂ ଏହି ରାଷ୍ଟ୍ର ସାରା, ଏକ ଉଦ୍ଦୀପନାର

ଲହଡି ଖେଳାଇଯିବ । ମାତ୍ର ଯେତେବେଳେ ସେମାନେ ଏହା ହେଉଥିବାର ଦେଖନ୍ତି, ସେହି ବିଷୟଗୁଡ଼ିକୁ ଯାହାକି ପରମେଶ୍ୱର କରନ୍ତି, ସେମାନେ ତଥାପି ଚିତ୍କାର କରନ୍ତି, “ସେ କିଏ? ଏହା କିଏ ଅଟେ ଯିଏକି ଆସୁଛନ୍ତି? ସେମାନେ କେଉଁଠାରୁ ଆସନ୍ତି? ଏ କିଏ? କେଉଁ ଅଧିକାରରେ ଏହା କରାଯାଉଛି?”

82 ଦକ୍ଷିଣ ଆଫ୍ରିକାର, ଜୋହାନସ୍‌ବର୍ଗରେ, କେବେବି ଭୁଲିବି ନାହିଁ । ପ୍ରାୟଃ ତିରିଶ ମିନିଟ୍ ପୂର୍ବରୁ ହିଁ, ମୁଁ ଏକ ବିମାନରେ, ସେଠାରେ ପହଞ୍ଚିଥିଲି । ମୁଁ ତିନି ଦିନ ଓ ରାତ୍ରି ଉଡାଜାହାଜରେ ବସି ଥିଲି, ଏତେ କ୍ଳାନ୍ତ ହୋଇଯାଇଥିଲି ଯେ ମୁଁ ଏହାକୁ ବଡ଼ କଷ୍ଟରେ ବି ସହିପାରୁ ନ ଥିଲି । ସେମାନେ—ସେମାନେ ମୋତେ ସେହି ମେଳା ପଡ଼ିଆକୁ ନେଇଗଲେ ଯେଉଁଠାରେ ପ୍ରାୟଃ ପଚାଶ ବା ଷାଠିଏ ହଜାର ଲୋକ ଏକତ୍ରିତ ହୋଇଥିଲେ । ଏବଂ ଯେମିତିହିଁ ମଞ୍ଚ ଉପରେ ପହଞ୍ଚିଛି, ସେମିତି ହିଁ ପବିତ୍ରଆତ୍ମା…ମୁଁ ଦେଖିଲି, ଯେ ସେହି ସ୍ଥାନକୁ, ଗୋଟିଏ—ଗୋଟିଏ ବସ ଆସୁଅଛି । ଏବଂ ତାହା ଉପରେ ଏକ ଚିହ୍ନ ଥିଲା, “ଡର୍ବାନ୍ ।” ମୁଁ ଦେଖିଲି ଯେ ଜଣେ ଯୁବା ଲୋକ ତାର ବାପା ଓ ମାଆ ସହିତ କଳି କରୁଛି ଓ ତାକୁ କରି ତାଙ୍କଠାରୁ ଲୁଚି ଆସିବାକୁ ପଡୁଛି, ତାର ଗୋଟିଏ ଗୋଡ ଅନ୍ୟ ଗୋଡ ଅପେକ୍ଷା ଛଅ କିମ୍ଵା ଆଠ ଇଞ୍ଚ ଛୋଟ ଥିଲା । ସେ ଏକ ଧଳା ସାର୍ଟ ପିନ୍ଧିଥିଲେ, ପୁଣି ସସ୍‌ପେଣ୍ଡର ସହିତ ତାଙ୍କ ପାଇଜାମା ସଂଲଗ୍ନ ଥିଲା । ଏବଂ ମୁଁ ସେହି ଯୁବା ଲୋକକୁ ଲକ୍ଷ୍ୟ କଲି । ମୁଁ ପୁଣିଥରେ ପଛକୁ ଅନାଇଲି । ଦର୍ଶନଟି ଚାଲି ଯାଇଥିଲା । ଏବଂ ତାହାପରେ, କିଛି କ୍ଷଣ ମଧ୍ୟରେ, ମୁଁ ଦେଖିଲି ଯେ ସେହି ଆଲୋକଟି ଦର୍ଶକବୃନ୍ଦଙ୍କ ମଧ୍ୟରେ ପଛଆଡେ, ଜଣେ ଯୁବା ଲୋକ ଉପରେ ଝୁଲି ରହିଥିଲା । ଏବଂ ମୁଁ ଅନାଇଲି । ମୁଁ ଭାବିଲି, “ମୁଁ ତାଙ୍କୁ କୌଣସି ସ୍ଥାନରେ ଦେଖିଛି ।” ମୁଁ ତାଙ୍କୁ ଲକ୍ଷ୍ୟ କଲି, ଏବଂ ସେହି ଆଲୋକଟି ତାଙ୍କ ଉପରେ କିଛି ମିନିଟ୍ ଧରି ଛିଡା ରହିଲା । ଆଉ ମୁଁ ଅନୁବାଦକର ଅପେକ୍ଷା କଲି ଯେ ସେ ପରବର୍ତ୍ତୀ ଶବ୍ଦଗୁଡ଼ିକୁ ଧରିବେ । ସେତେବେଳେ ମୁଁ ଦେଖିଲି ଯେ ସେହି ସମାନ ଯୁବକଟି ଛିଡା ହେଲେ, ତାଙ୍କର ସାହାରା ବାଡିକୁ ଫିଙ୍ଗିଦେଲେ, ଏବଂ ତାଙ୍କର ଛଅ ଇଞ୍ଚ-ଛୋଟ ଗୋଡଟି ଅନ୍ୟଟି ପରି ସ୍ୱାଭାବିକ ହୋଇଗଲା ।

83 ଏବଂ ମୁଁ ଶ୍ରୀମାନ ଏ. ଜେ. ସ୍କୋମାନଙ୍କୁ କହିଲି; ଯିଏକି ଆଜି ରାତି, ମହିମାରେ ଅଛନ୍ତି । ମୁଁ କହିଲି, “ଶ୍ରୀମାନ ସ୍କୋମାନ୍, ମୋର ଶବ୍ଦଗୁଡିକୁ କେବଳ ଲକ୍ଷ୍ୟ କରନ୍ତୁ । ଏହା ଏକ ଦର୍ଶନ ଅଟେ ।”

ସେ କହିଲେ, “ଅତି ଉତ୍ତମ ।”

84 ଏବଂ ମୁଁ କହିଲି, “ପଛରେ ବସିଥିବା ସେହି ଯୁବା ଲୋକ ଜଣକ ଯିଏକି ଧଳା ସାର୍ଟ ପିନ୍ଧିଛି, ଓ ସସ୍‌ପେଣ୍ଡର ରହିଛି, ସେ ଗୋଟିଏ ବସ୍‌ରେ, ସେହି ଦେଶର ପ୍ରାୟଃ ପନ୍ଦର ଶହ ମାଇଲ ଦୂରରେ ଥିବା, ଡର୍ବାନ୍ ନାମକ ଏକ ସହରରୁ ଆସିଛି । ଏବଂ ତାଙ୍କୁ ଆସିବା ନିମନ୍ତେ, ତାଙ୍କ ପିତା ଏବଂ ମାତାଙ୍କଠାରୁ ଲୁଚି ଆସିବାକୁ ପଡିଥିଲା । ମାତ୍ର ସେ ପ୍ରଭୁ ଯୀଶୁଙ୍କ ଉପରେ ବିଶ୍ୱାସ କରିଛନ୍ତି, ଏବଂ ତାଙ୍କର ଗୋଟିଏ ଗୋଡ ଅନ୍ୟଠାରୁ ଛଅ ଇଞ୍ଚ ଛୋଟ ଅଛି ।”

85 ଏବଂ ସେହି ଯୁବା ଜଣକ ଉପରକୁ ଡେଇଁ ପଡ଼ିଲେ । ସେଠାରେ ସେ, ଛିଡା ହୋଇ, ତାଙ୍କ ସାହାରା ବାଡିକୁ ଅନୁଭବ କରିବାକୁ ଚେଷ୍ଟା କରୁଥିଲେ । ଏବଂ ମୁଁ କହିଲି, "ଯୁବା ଲୋକ, ପ୍ରଭୁ ଯୀଶୁ ତୁମକୁ ସୁସ୍ଥ କରିଛନ୍ତି ।" ଏବଂ ସଙ୍ଗେ ସଙ୍ଗେ ତାଙ୍କ ଛଅ ଇଞ୍ଚ ଗୋଡ, ବାକିଗୁଡିକ ସହିତ, ସ୍ୱାଭାବିକ ହେବା ପର୍ଯ୍ୟନ୍ତ ବଢିବାକୁ ଲାଗିଲା । ଏବଂ ସେମାନେ ସେହି ଯୁବା ଲୋକଙ୍କୁ ମଞ୍ଚ ଉପରକୁ ନେଇ ଆସିଲେ, ଏବଂ ଡାକ୍ତରମାନେ ସେଠାରେ ତାଙ୍କୁ ପରୀକ୍ଷା କଲେ । ଆପଣମାନେ ତାଙ୍କର ଫଟୋ ଚିତ୍ର ମୋ ବହିରେ ଦେଖିପାରନ୍ତି ।

86 ମୁଁ ସେଠାରେ ଅଳ୍ପ କିଛି ମୁହୂର୍ତ୍ତ ହିଁ ଛିଡା ହୋଇଥିଲି, ମୁଁ ଗୋଟିଏ ସାନ, ସବୁଜ କାର ରାସ୍ତାରେ ଚାଲି ଯାଉଥିବାର ଦେଖିଲି, ଏବଂ ତାହା ଖସିଗଲା । ଏହା ପଛ ପଟକୁ, ଘୁରିଗଲା, ଏବଂ ଯାଇ ଗୋଟିଏ ଗଛରେ ବାଡ଼େଇ ହେଲା । ଜଣେ ଯୁବା, ସୁବର୍ଣ୍ଣ-କେଶ ବିଶିଷ୍ଟ ଝିଅ... ପିଠି ଭାଙ୍ଗି ଯାଇଥିଲା । ଏବଂ ମୁଁ କହିଲି, "ମୁଁ ଗୋଟିଏ ସାନ, ସବୁଜ କାରକୁ ଦେଖୁଛି ଯାହାକି ଖସି ଯାଇ ଗୋଟିଏ ଗଛରେ ବାଡ଼େଇ ହେଲା, ଏବଂ ପ୍ରାୟଃ ଅଠର ବର୍ଷ ବୟସ୍କା ଜଣେ ସୁବର୍ଣ୍ଣ-କେଶ ବିଶିଷ୍ଟ ଝିଅର ପିଠି ଭାଙ୍ଗି ଯାଇଥିଲା । ସେ ଏକ ଗୁରୁତର ଅବସ୍ଥାରେ ଅଛି ।" କେହି ଉତ୍ତର ଦେଲେ ନାହିଁ । ଏବଂ ମୁଁ ଲୋକମାନଙ୍କର ସେହି ବିରାଟ, ମହାଜନତା ଦର୍ଶକବୃନ୍ଦଙ୍କ ଭିତରେ କୌଣସି ସ୍ଥାନରେ ତାଙ୍କୁ ଦେଖିପାରିଲି ନାହିଁ । ଏବଂ ମୁଁ ସେଠାରେ କିଛି ମିନିଟ୍ ପାଇଁ ଛିଡା ହେଲି । ମୁଁ କହିଲି, "ବୁଝି ପାଇଲେ । ଏହା ହେଉଛି...ସନ୍ଦେହ କରନ୍ତୁ ନାହିଁ । ଏହା ପ୍ରଭୁ ଯୀଶୁ, ପୁନରୁତ୍ଥାନର ଶକ୍ତିରେ ଅଟନ୍ତି । ସେ ତାଙ୍କର କାର୍ଯ୍ୟକୁ ଜାରି ରଖିବା ପାଇଁ ପବିତ୍ରଆତ୍ମାଙ୍କୁ ପଠାଇଥିଲେ ।" ଏବଂ ସେଠାରେ ମୁଁ ପୁଣିଥରେ ସେହି ଦର୍ଶନକୁ ଘଟୁଥିବାର ଦେଖିଲି । ଏବଂ ମୁଁ ସେହି ଯୁବା ମହିଳାଙ୍କୁ ଦେଖି ପାରିଲି ନାହିଁ ।

87 ଠିକ୍ ସେତିକିବେଳେ, ଅବିକଳ ମୋ ସମ୍ମୁଖରେ, ସେଠାରେ ସେହି ଆଲୋକ ଛିଡା ହେଲା, ଯେପରିକି ଆପଣ ସେହି ଫଟୋଚିତ୍ରରେ ଦେଖନ୍ତି । ଏବଂ ତାହା ଏଠାରେ ଛିଡା ହେଲା । ମୁଁ ସେଠାକୁ ଚାଲିକରି ଗଲି, ଏବଂ ସେଠାରେ ସେ, ମଞ୍ଚ ତଳେ ପଡ଼ି ରହିଥିଲେ । ମୁଁ କହିଲି, "ଯୁବା ମହିଳା, ପ୍ରଭୁ ଯୀଶୁ ଆପଣଙ୍କୁ ସୁସ୍ଥ କରିଛନ୍ତି ।" ଆଉ ସେ କାନ୍ଦିବାକୁ ଲାଗିଲା ।

88 ତାଙ୍କ ମାଆ କହିଲେ, "ଓଃ, ନା! ତାକୁ ଉଠିବାକୁ କୁହନ୍ତୁ ନାହିଁ!" କହିଲେ, "ଯଦି ସେ ହଲିବ, ସେ ମରି ଯିବ ।"

89 ଏବଂ ସେହି ଯୁବା ମହିଳା ଚିତ୍କାର କରି, ଡ଼େଇଁ ପଡିଲେ, ଓ ପରମେଶ୍ୱରଙ୍କୁ ପ୍ରଶଂସା ଦେଲେ । ଏବଂ ତାଙ୍କ ମାଆ ବେହୋଶ ହୋଇଗଲେ ଓ ସେହି ଝିଅ ଶୋଇଥିବା ଖଟରେ ପଡ଼ିଗଲେ ।

ଏହା କ'ଅଣ ଅଟେ?

90 ଠିକ୍ ସେହି ସମୟରେ, କୌଣସି ସମାଲୋଚକ ବ୍ୟକ୍ତି ଜଣକ ସେଠାରେ ପଛରେ ଛିଡା ହେଲେ, ଏବଂ ଗୋଟିଏ ପାଦ ଗୋଟିଏ ଆସନ ଉପରେ, ଓ ଅନ୍ୟ ପାଦଟି ଅନ୍ୟ ଉପରେ ରଖି ଛିଡା ହୋଇ, କହିଲେ, "ତୁମେ, ଆମେରିକୀୟ! ମୁଁ ତୁମକୁ ଆହ୍ୱାନ କରି ପ୍ରତିରୋଧ କରେ ଯେ

ତୁମେ ମୋତେ କୁହ ଯେ ଏହା ତୁମେ କେଉଁ ନାମରେ କରୁଅଛ। ଏବଂ ତୁମେ କେଉଁ ନାମଧାରୀ ସଂସ୍ଥା ସହିତ ସମ୍ପୃକ୍ତ ଅଟ?" ବୁଝିଲେ?

91 ଏହା ସେହି ସମାନ ହିଁ ଅଟେ। ସେମାନେ ବୁଝନ୍ତି ନାହିଁ। ସେମାନେ ଏହି ବିଷୟଗୁଡିକର ଅପେକ୍ଷାରେ ନାହାଁନ୍ତି। ମଣ୍ଡଳୀଗୁଡିକ ପ୍ରଭୁଙ୍କର ଆଗମନକୁ ଅପେକ୍ଷା କରୁ ନାହାଁନ୍ତି। ଏବଂ ପବିତ୍ରଆତ୍ମା ଏଠାରେ ତାହାଙ୍କର ଆଗମନକୁ ସୁନିଶ୍ଚିତ କରିବା ନିମନ୍ତେ, ଏହାକୁ ସଫଳ କରିବା ନିମନ୍ତେ ଅଛନ୍ତି। ଏତେ ଅଧିକ...

ପ୍ରତ୍ୟେକ ଜଣ ତାଙ୍କର ନିଜର ମାର୍ଗ ନେବା ପାଇଁ ଚାହାଁନ୍ତି। ସେହି ପ୍ରକାରେ ହିଁ ତାହା ସେଠାରେ ଥିଲା। ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଧାରଣା ରହିଥିଲା।

92 ମାତ୍ର ତାହା ଆଜି ରାତି ସେହି ପ୍ରଶ୍ନ ନୁହେଁ। ମୁଁ ଯାହା ବିଷୟରେ କହୁଅଛି ଏହା ତାହା ନୁହେଁ। କିନ୍ତୁ ମୁଁ ଆପଣଙ୍କୁ ଯାହା ପଚାରୁଅଛି ସେହି ପ୍ରଶ୍ନ, ହେଉଛି, ଏହା କଅଣ ବୋଲି ଆପଣ ଭାବନ୍ତି? ଏହା ଆପଣଙ୍କ ସହିତ ସମ୍ବନ୍ଧିତ ଅଟେ। ଏହା କିଏ ଅଟେ ଯିଏକି ଦେଶର ଉପର-ଓ-ତଳକୁ ଯାଉଛନ୍ତି? ମନୁଷ୍ୟମାନେ ନୁହଁନ୍ତି। ମନୁଷ୍ୟମାନେ ସେହି ବିଷୟ କରିପାରନ୍ତି ନାହିଁ। ଏହା କିଏ ଅଟନ୍ତି ଯିଏକି ଦର୍ଶକବୃନ୍ଦଙ୍କ ମଧ୍ୟରେ ଲୋକମାନଙ୍କୁ କଥାବାର୍ତ୍ତା କରୁଛନ୍ତି ଏବଂ କହୁଛନ୍ତି, ଯଥା, "ଠିକ୍ *ଏଠାରେ* ବସିଥିବା, ସେହି ସ୍ଥାନରେ *ଏଠାରେ*," ଏବଂ ସଭାର ବିଭିନ୍ନ ସ୍ଥାନରେ, ଯେତେବେଳେକି ମୃତ୍ୟୁଶଯ୍ୟାରେ ଥିବା ମହିଳା ଏବଂ ପୁରୁଷମାନଙ୍କୁ ଏଠାକୁ ଅଣା ଯାଉଅଛି? ଏହା କିଏ ଅଟନ୍ତି?

93 ଆଜି ସକାଳେ ସେହି ଯୁବା ସ୍ତ୍ରୀଲୋକ ଜଣକ ଯିଏକି ବାପ୍ତିସ୍ମ କୁଣ୍ଡ ଭିତରକୁ ପ୍ରବେଶ କରିଥିଲେ, ଯିଏକି ତିନି ସପ୍ତାହ ପୂର୍ବେ, କାର୍ସିନୋମାସ୍ କର୍କଟ ରୋଗ ସହିତରେ ମୃତ୍ୟୁଶଯ୍ୟାରେ ଥିଲେ, ଠିକ ଏଠାରେ ମାପଲ୍ ଷ୍ଟ୍ରିଟରେ ରୁହନ୍ତି, ଶ୍ରୀମତୀ ବେଟି। ଏବଂ ମୁଁ ତାଙ୍କ ସହିତ ଥିବା ତିନିଜଣ ଡାକ୍ତରଙ୍କୁ ପଚାରିଲି। ଚାରି କିମ୍ବା ପାଞ୍ଚ ଛୋଟ ଛୋଟ ପିଲାଙ୍କ ସହିତ ତାଙ୍କର ବଞ୍ଚିବାର ଗୋଟିଏ ବି ସୁଯୋଗ ସୁଦ୍ଧା ନ ଥିଲା, ଏବଂ ମୋ ମାଆ ସେମାନଙ୍କର ଯତ୍ନ ନେବାକୁ ଚେଷ୍ଟା କରୁଥିଲେ। ମାଆ କହିଲେ, "ବିଲ୍, ସେ ଆଉ ଘରକୁ କେବେ ବି ଆସିବ ନାହିଁ।"

94 ଏବଂ ମୁଁ ସେଠାକୁ ଗଲି ଯେଉଁଠାରେ ସେ ଥିଲେ, ଏବଂ ପ୍ରଭୁ ଯୀଶୁ କଥା କହିଲେ, "**ସଦାପ୍ରଭୁ ଏହି କଥା କୁହନ୍ତି**, ଯଦି ସେ ମଣ୍ଡଳୀକୁ ଯାଇ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେବାର ପ୍ରତିଜ୍ଞା କରିବେ, ଏବଂ ପରମେଶ୍ୱରଙ୍କ ସେବା କରିବେ, ତେବେ ସେ ସୁସ୍ଥ ହୋଇ, ଘରକୁ ଯିବେ।"

ଏବଂ ମୁଁ ତାଙ୍କୁ ପଚାରିଲି, "ମହିଳା, କଅଣ ଆପଣ ଏହା କରିବେ କି?"

95 ଆଉ ସେ କହିଲେ, "ଆପଣ ଯାହାସବୁ କହୁଛନ୍ତି, ମୁଁ ତାହା କରିବି।" ସଙ୍ଗେ ସଙ୍ଗେ ଯନ୍ତ୍ରଣା ଚାଲିଗଲା। ତିନି ଦିନ ପରେ, ସେ ଘରେ ଥିଲେ, ଏବଂ ଡାକ୍ତରମାନେ ସେହି କର୍କଟ ରୋଗର ଗୋଟିଏ ଚିହ୍ନ ସୁଦ୍ଧା ଖୋଜି ପାଇଲେ ନାହିଁ।

96 ପ୍ରଭୁଙ୍କ ନାମରେ ଆସୁଥିବା ଏହି ଜଣକ କିଏ? ଏ କିଏ? ଏହା ପରମେଶ୍ୱରଙ୍କ ପବିତ୍ରଆତ୍ମା ଅଟନ୍ତି । ଏହା ବିଷୟରେ ଆପଣଙ୍କର ମତାମତ କଅଣ? ଆପଣଙ୍କର ପାଳକଙ୍କ ବିଷୟରେ ଜାଣିବାରେ, ଆପଣଙ୍କର ମତାମତ କଅଣ? ଏବଂ ଏଠାରେ ଏହି ଆସନରେ ବସିଥିବା ବେଳେ, ନଗର ବାହାରୁ ଆସିଥିବା ଲୋକମାନେ, ଅପସ୍ମାର ସହିତରେ ବସିଛନ୍ତି, ଅନ୍ୟ କିଛି ସହିତରେ ଅଛନ୍ତି...ଏଠାରେ ଜଣେ ବ୍ୟକ୍ତି, ଏଠାରେ କୌଣସି ସ୍ଥାନରେ ଅଛନ୍ତି, ମେନୋନାଇଟ୍ ଭାଇ ଜଣେ, ଠିକ୍ ଏଠାରେ, ଅପସ୍ମାରରେ ପୀଡିତ । ତାଙ୍କୁ କେବେବି ଜାଣି ନାହିଁ କିମ୍ବା ଦେଖି ନାହିଁ, ତାଙ୍କ ବିଷୟରେ କିଛି ହେଲେ ନୁହେଁ । ଏବଂ ହଠାତ୍, ପ୍ରାୟଃ ଦୁଇ ବର୍ଷ ପୂର୍ବେ, ମୁଁ ଅନୁମାନ କରେ, କିମ୍ବା ସେହିପରି କିଛି, ହଁ, ଦୁଇ ବର୍ଷ, ପବିତ୍ରଆତ୍ମା ଏହାକୁ ଡାକିଲେ, ଏବଂ କହିଲେ "**ସଦାପ୍ରଭୁ ଏହି କଥା କୁହନ୍ତି ।**" ସେବେଠାରୁ ତାଙ୍କର ଥରୁଟିଏ ବି କୌଣସି ଆଘାତ ହୋଇ ନାହିଁ । ଏହା କିଏ? ଏହା କିଏ?

97 ଏହି ମହିଳା ଜଣକ ଏଠାରେ, ଗତ ରବିବାର ବସିଥିଲେ, ଗତ ଥର ଯେତେବେଳେ ମୁଁ ଏଠାରେ ଥିଲି, ଇଲିନୋଇସ୍‌ର କୌଣସି ସ୍ଥାନରୁ ଆସିଥିଲେ । ତାର ପରବର୍ତ୍ତି ଦିନ...ତାଙ୍କ ଦେହରେ ଏକ ବଡ ଟ୍ୟୁମର ରହିଥିଲା, ଯାହାକି କ୍ଷତିକାରକ ଥିଲା । ଏବଂ ଇଲିନୋଇସ୍‌ର କେତେକ ସର୍ବୋତ୍ତମ ଚିକିତ୍ସା ବିଜ୍ଞାନ ତାଙ୍କୁ, ସୋମବାର ଦିନ ଅସ୍ତ୍ରୋପଚାର କରିବା ନିମନ୍ତେ, ଏକ ବଡ଼ ଚିକିତ୍ସାଳୟକୁ ନେଇ ଯାଉଥିଲା । ଏବଂ ସେ ବଡ଼ କଷ୍ଟରେ ତାଙ୍କର ବାଟକୁ ବାହାର କରି ଭିତରକୁ ଆସିଥିଲେ । ମୋ ଜୀବନ ସାରା, ତାଙ୍କୁ କେବେବି ଦେଖି ନାହିଁ କିମ୍ବା ତାଙ୍କ ବିଷୟରେ ଶୁଣି ନାହିଁ । ଏବଂ ହଠାତ୍ ହିଁ, ପବିତ୍ରଆତ୍ମା ତାଙ୍କୁ ଛାୟା କଲେ, ଏବଂ ଏହା ତାଙ୍କୁ କହିଲା ଯେ ସେ କିଏ, ସେ କେଉଁଠାରୁ ଆସିଛନ୍ତି, ଏବଂ ପରଦିନ ତାଙ୍କର ଅସ୍ତ୍ରୋପଚାର ହେବାକୁ ଯାଉଥିଲା । ତାହା ଦେଖିବା ନିମନ୍ତେ, ଏଠାରେ ସେଦିନ କେତେ ଜଣ ଥିଲେ? ଏବଂ ଦେଖନ୍ତୁ ସେହି ସମ୍ବାଦ ସର୍ବତ୍ର ପ୍ରସାରିତ ହୋଇଥିଲା । ପରବର୍ତ୍ତି ଦିନ, ଯେତେବେଳେ ସେ ଡାକ୍ତରଙ୍କ ନିକଟକୁ ଗଲେ, ସେମାନେ ତାଙ୍କୁ ଗୋଟିଏ କ୍ଲିନିକରୁ ଅନ୍ୟ କ୍ଲିନିକକୁ ନେଇଗଲେ, ଏବଂ ଏହାର କୌଣସି ଚିହ୍ନବର୍ଣ୍ଣ ସୁଦ୍ଧା ସନ୍ଧାନ ପାଇଲେ ନାହିଁ ।

98 ଏ କିଏ? ହେ, ପରମେଶ୍ୱର ଦୟା କର! ଏ କିଏ ଯିଏକି ଏହା କରୁଛନ୍ତି? କଅଣ ଆପଣ ଏହା କହିବାକୁ ସାହସ କରିପାରିବେ ଯେ ଏହା ଆପଣଙ୍କର ପାଳକ ଥିଲେ? କଦାପି ନୁହେଁ । କଅଣ ଆପଣ ଏହା କହିବାକୁ ସାହସ କରିପାରିବେ ଯେ ମନୁଷ୍ୟମାନଙ୍କର ଏଥିରେ କିଛି କରିବାର ଭୂମିକା ଥିଲା? କଦାପି ନୁହେଁ । ଏହା ତ ପବିତ୍ରଆତ୍ମା ଅଟନ୍ତି, ସେହି ଆତ୍ମା ଯାହାକି ଆମ ପ୍ରଭୁ ଯୀଶୁଙ୍କ ଉପରେ ରହିଥିଲା । ଏବଂ ଆପଣାର ମଣ୍ଡଳୀ ସହିତ ନିଜକୁ ଏକତ୍ର କରିବା ନିମନ୍ତେ ତାହାଙ୍କର ଆଗମନ, ଏତେ ସନ୍ନିକଟ ଅଟେ ଯେ ସେ ତାହାଙ୍କର ମହାନ ପବିତ୍ର ଆଲୋକକୁ ବିସ୍ତାର କରୁଛନ୍ତି, ଯେପରିକି ନିକଟରେ ହେବାକୁ ଥିବା ସ୍ୱର୍ଗାରୋହଣ ନିମନ୍ତେ, ଜୀବନ୍ତ ପରମେଶ୍ୱରଙ୍କ ଏକ ମଣ୍ଡଳୀକୁ, ମୁକ୍ତ କରନ୍ତି, ଏବଂ ସହଭାଗୀତାକୁ ଆଣନ୍ତି । ଆମେନ୍!

99 ଏ କିଏ? ମୁଁ ଆପଣଙ୍କର ପ୍ରଶ୍ନର ଉତ୍ତର ଦେଇପାରେ ନାହିଁ । ମୁଁ ଆପଣଙ୍କ ପାଇଁ ଉତ୍ତର

ଦେଇପାରେ ନାହିଁ। ମାତ୍ର ମୁଁ ନିଜ ପାଇଁ ଉତ୍ତର ଦେଇପାରେ। ଏବଂ ଏହି ପବିତ୍ର ମେଜ ଉପରେ, ଆଜି ରାତି, ଏହି ଜନ ସମାଗମ, ଏହାର କାନରେ, ଏବଂ ଆମର ପ୍ରଭୁ ଯୀଶୁଙ୍କ ରକ୍ତର ସେହି—ସେହି କ୍ରୀତ, ମୁଁ ଏହାକୁ ମୋ ହୃଦୟର ଗଭୀରତାରୁ କହୁଅଛି। ଏଥି ପାଇଁ ନୁହେଁ ଯେ ମୁଁ ଆପଣମାନଙ୍କ ମଧ୍ୟରୁ ଜଣେ ଅଟେ, ଏଥି ପାଇଁ ନୁହେଁ ଯେହେତୁ ମୁଁ କେବଳ କେହି ଜଣେ ଭିନ୍ନ ଅଟେ, ମାତ୍ର ଏଇଥି ପାଇଁ ଯେ ରକ୍ତ ଦ୍ୱାରା ଧୌତ ମୁକ୍ତିପ୍ରାପ୍ତଙ୍କ ମଧ୍ୟରୁ ଜଣେ ଅଟେ। ମୁଁ ବିଶ୍ୱାସ କରେ ଯେ ସେହି ସମାନ ଆଲୋକ ଯାହାକି ଆଜି ରାତ୍ରି, ଏହି ଗୀର୍ଜା ଘରେ ଝୁଲୁଅଛି, ସେହି ସମାନ ଜଣକ, ତାହାଙ୍କର ସ୍ୱଭାବ ଦ୍ୱାରା ଦର୍ଶାନ୍ତି ଯେ, ଏହା ପବିତ୍ରଆତ୍ମା ରୂପରେ, ଯୀଶୁ ଖ୍ରୀଷ୍ଟ ଅଟନ୍ତି।

100 ଯିଏ କେହି ବି ଶାସ୍ତ୍ର ଜାଣନ୍ତି, ସେ ଜାଣନ୍ତି ଯେ ଯୀଶୁ କହିଥିଲେ, "ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଯାଏ।" ସେ ଶରୀର ଧାରଣ କରିବା ପୂର୍ବରୁ, ଯେତେବେଳେ ପ୍ରାନ୍ତରରେ ମୋଶାଙ୍କ ସହିତରେ ଥିଲେ, ସେ ସେହି ଅଗ୍ନିସ୍ତମ୍ଭ ଥିଲେ। ଏବଂ ଯେତେବେଳେ ମୋଶା ତାହାଙ୍କୁ ଦେଖିବାକୁ ଇଚ୍ଛା ପ୍ରକାଶ କଲେ, ସେତେବେଳେ ସେ ତାଙ୍କୁ ନିଜର ପିଠି ଅଂଶଗୁଡ଼ିକୁ ଦେଖାଇ ଅତିକ୍ରମ କରି ଗଲେ। ଏବଂ ମୋଶା କହିଲେ, "ଏହା ଜଣେ ମନୁଷ୍ୟ ପରି ଦେଖା ଯାଉଛନ୍ତି।" ଯେତେବେଳେ ସେ ଏଠାରେ ପୃଥିବୀ ଉପରେ ଥିଲେ, ସେ ଜଣେ ମନୁଷ୍ୟ ଥିଲେ। ସେ ସେହି ସମାନ କାର୍ଯ୍ୟକୁ କରିଥିଲେ ଯାହା ସେ ଆଜି ତାହାଙ୍କର ମୁକ୍ତିପ୍ରାପ୍ତ ମନୁଷ୍ୟମାନଙ୍କ ଦ୍ୱାରା, ସାଧନ କରୁଛନ୍ତି। ସେଠାରେ ସେ ଆସି ନିଜର ଫଟୋଚିତ୍ରକୁ ଉତ୍ତୋଳନ କରିବାକୁ ଦେଲେ। ଏହା କଅଣ ଅଟେ?

101 ତାହାଙ୍କ ମୃତ୍ୟୁ, ସମାଧି ଓ ପୁନରୁତ୍ଥାନ ପରେ, ପାଉଲ ଦିନେ, ଦମ୍ମେସକକୁ ଯିବାର ତାଙ୍କ ମାର୍ଗରେ ଥିଲେ, ଆଉ ସେହି ସମୟରେ ଏକ ମହାନ ଆଲୋକ ତାଙ୍କୁ ଆଘାତ କରିଥିଲା। ତାଙ୍କ ଆଖପୋଖରେ ଥିବା ଲୋକମାନେ ସେହି ଆଲୋକକୁ ଦେଖିଲେ ନାହିଁ। ମାତ୍ର ଏହା ପାଉଲଙ୍କୁ ଆଘାତ କରିଥିଲା, ଏପରିକି ଏହା ତାଙ୍କୁ ଅନ୍ଧ କରି ଦେଇଥିଲା। ତାଙ୍କ ଶେଷ ଜୀବନ ସାରା ତାଙ୍କର ଆଖିରେ ସେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବଂ ସେ ଥରେ କହିଥିଲେ, "ମୁଁ ଯେପରି ପ୍ରକାଶନର ବାହୁଲ୍ୟତାରେ, ଉଚ୍ଚୀକୃତ କରା ନ ଯାଏ, ତେଣୁକରି ମୋତେ ଦିଆଯାଇଅଛି," ତାଙ୍କ ଶରୀରରେ ଶୟତାନର ଏକ ଦୂତକୁ, ଏକ କଣ୍ଟକ ସ୍ୱରୂପରେ, ତାଙ୍କୁ ଫୋଡିବା ପାଇଁ ଦିଆଯାଇଛି। କାରଣ ଏହା ପ୍ରକାଶନର ବାହୁଲ୍ୟତା ଥିଲା।

102 ଏବଂ ଯେତେବେଳେ ପାଉଲଙ୍କୁ ତାଙ୍କର ସେହି ମାର୍ଗରେ ଆଘାତ କରାଗଲା, ଯେତେବେଳେ ସେ ଅତ୍ୟଧିକ କୋଳାହଳ କରୁଥିବା ସେହି ଲୋକମାନଙ୍କୁ ନିର୍ଯ୍ୟାତନା ଦେବା ପାଇଁ ଯାଉଥିଲେ; ନୂତନ-ଜନ୍ମ ପାଇଥିବା ଏକ ଗୋଷ୍ଠୀକୁ, ସେହି ଲୋକମାନଙ୍କୁ ଯାହାକୁ ଈଶ୍ୱରନିନ୍ଦକ ବୋଲି କୁହାଯାଉଥିଲା। ପାଉଲ ସେମାନଙ୍କୁ ନିର୍ଯାତନା ଦେବା ପାଇଁ, ନିଜ ମୁଣାରେ କାଗଜପତ୍ର ନେଇ, ସେମାନଙ୍କୁ ଗିରଫ କରି ସେମାନଙ୍କୁ ଯିରୁଶାଲମକୁ ଆଣିବା ପାଇଁ ନିଜ ମାର୍ଗରେ ଯାଉଥିଲେ। ଏବଂ ଦିନର ମଧ୍ୟଭାଗରେ, ସେଠାରେ ଏକ ଆଲୋକ

ଆସିଲା, ଯାହାକି ତାଙ୍କୁ ଆଘାତ କରି ତାଙ୍କ ପାଦରୁ, ଭୂମିରେ ତଳେ ପକାଇ ଦେଲା, ଏବଂ ସେ ପୃଥିବୀର ଧୂଳିରେ ପଡ଼ିଗଲେ । ସେହି ଆଲୋକରୁ ଏକ ରବ ଆସିଲା, କହିଲା, "ଶାଉଲ, ଶାଉଲ, ତୁମେ ମୋତେ କାହିଁକି ତାଡ଼ନା କରୁଅଛ?"

103 ଏବଂ ଶାଉଲ ବୁଲି ପଡିଲେ, ନିଜର ଅନ୍ଧ ଅବସ୍ଥାରେ, ଉପରକୁ ଅନାଇଲେ । ଏବଂ ସେ ସେହି ମହାନ, ମହିମାମୟ ଆଲୋକକୁ ଦେଖିପାରିଲେ । ଏବଂ ସେ କହିଲେ, "ପ୍ରଭୁ, ତୁମେ କିଏ?"

104 ସେ ଉତ୍ତର ଦେଲେ, "ମୁଁ ଯୀଶୁ । ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି; ମୁଁ ପରମେଶ୍ୱରଙ୍କ ନିକଟକୁ ଯାଏ । ମୁଁ ପରମେଶ୍ୱରଙ୍କଠାରୁ ଆସିଅଛି; ମୁଁ ପରମେଶ୍ୱରଙ୍କ ନିକଟକୁ ଫେରିଯାଏ ।" ସେ କହିଲେ, "କଣ୍ଟକ ବିରୁଦ୍ଧରେ ଗୋଇଠା ମାରିବା ତୁମ ପାଇଁ କଷ୍ଟକର ।"

105 ସେହି ପବିତ୍ର ବାଲି ଉପରେ ଗୋଟିଏ ପ୍ରକାଶନ, ସେହି ସ୍ଥାନ ଉପରେ ଥରୁଟିଏ, ମଣିଷ କଦାପି ସମାନ ହୋଇ ରହିପାରେ ନାହିଁ । ଜଣେ ବ୍ୟକ୍ତି, ଏହା ପୂର୍ବେକି ସେ ନିଜକୁ ଜଣେ ଖ୍ରୀଷ୍ଟିଆନ ବୋଲି କୁହାଇଥାଏ, ଏହା ପୂର୍ବେକି ସେ ନିଜକୁ ପରିଚୟ ଦିଏ, ତାହାର ପ୍ରଥମେ ସେହି ମରୁଭୂମି-ପଛ-ପଟ ଅନୁଭୂତି ରହିବା ଉଚିତ, ଯେଉଁଠାରେକି ସେ ପରମେଶ୍ୱରଙ୍କୁ, ସମ୍ମୁଖାସମ୍ମୁଖୀ ଭେଟିଥିଲେ ।

106 କାରଣ, ଆଜି, ଆପଣ ଯେକୌଣସି ପ୍ରକାରର ଉତ୍ତର ପାଇପାରନ୍ତି । ଆପଣ ପ୍ରଭୁଙ୍କୁ ଅବିକଳ ଠିକ ତାହା କରୁଥିବାର ଦେଖିପାରନ୍ତି ଯାହା ସେ କରିବେ ବୋଲି କହିଥିଲେ, ଏବଂ ପ୍ରଖର ବୁଦ୍ଧି ଧର୍ମଶାସ୍ତ୍ରଜ୍ଞମାନେ ଏହାକୁ ଅନ୍ୟ କିଛି ବୁଝାଇ ଦେବେ । ସେମାନେ କହିବେ, "ତାହା ତ ଅନ୍ୟ ଦିନ ପାଇଁ ଥିଲା । ଏହା *ଏଥି*ପାଇଁ ଥିଲା । କିମ୍ବା, ଏହା ଅନ୍ୟ ଏକ ଯୁଗ ପାଇଁ ଅଟେ । କିମ୍ବା, ଏହା ଭୁଲ ଅଟେ ।" ଯେପରି ସେମାନେ ଯୀଶୁଙ୍କ ବିଷୟରେ କହିଥିଲେ, "ସେ ବାଆଲ୍‌ଯିବୂଲ୍, ଶୟତାନ ଅଟେ । ସେ ଜଣେ କୁହୁକବିଦ୍ୟାକାରୀ ଅଟେ ।" ଏବଂ ସେହି ସମସ୍ତ ବିଷୟ, ସେମାନଙ୍କ ପାଖରେ ଏକ ଉତ୍ତର ରହିଥାଏ ।

107 କିନ୍ତୁ ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କ ସହିତ କେବେ ସମ୍ପର୍କରେ ଆସନ୍ତି, ଏବଂ ପାଉଲଙ୍କ ଦେଖିଥିବା ପରି ତାହାଙ୍କୁ ଦେଖନ୍ତି, କିମ୍ବା ତାହାଙ୍କୁ ଅନୁଭବ କରନ୍ତି, ତାହାହେଲେ ଜଗତରେ ଯଥେଷ୍ଟ ଈଶ୍ୱରତତ୍ତ୍ୱଜ୍ଞମାନେ ନାହାଁନ୍ତି ଯେଉଁମାନେକି ସେହି ଅଭିଜ୍ଞତାକୁ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟତ୍ର ବୁଝାଇବାକୁ ସମର୍ଥ ହେବେ ।

108 ସେହି କାରଣରୁ, ଆଜି, ସେମାନଙ୍କର କୌଣସି ଅଭିଜ୍ଞତା ନାହିଁ । ସେହି କାରଣରୁ ସେମାନେ କହିପାରନ୍ତି ନାହିଁ...ସେମାନେ ସମସ୍ତେ କହୁଛନ୍ତି, "ଏ କିଏ? ଏହା କଅଣ ଅଟେ? ଏହା କେଉଁଠାରୁ ଆସିଅଛି?" ସେମାନଙ୍କ ପାଖରେ ଉତ୍ତର ନାହିଁ । କାହିଁକି? କାରଣ, ସେମାନେ ଯାହାସବୁ ଜାଣନ୍ତି ତାହା ହେଉଛି କେବଳ ଏକ ଧର୍ମଶାସ୍ତ୍ରୀୟ ଜ୍ଞାନ ଯାହା କୌଣସି ମଣ୍ଡଳୀ ତିଆରି କରିଥାଏ । ତେବେ "ଧର୍ମଶାସ୍ତ୍ର ଜ୍ଞାନକୁ ଜାଣିବା" ଜୀବନ ନୁହେଁ । ପୁଣି "ବାଇବଲକୁ ଜାଣିବା" ଜୀବନ ନୁହେଁ ।

109 ମାତ୍ର "ତାହାଙ୍କୁ ଜାଣିବା" ହେଉଛି ଜୀବନ। ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ "ତାହାଙ୍କୁ ଜାଣିବା," ଏପରି ଜଣକା ଯିଏକି ଆପଣଙ୍କୁ ତାହାଙ୍କର ଉପସ୍ଥିତିରେ ପରିପୂର୍ଣ୍ଣ କରିଅଛନ୍ତି। ଆପଣ ସେତେବେଳେ ସେଠାରେ ଥିଲେ ଯେତେବେଳେ ତାହା ଘଟିଥିଲା। ଏପରି କେହି ହେଲେ ନାହାଁନ୍ତି ଯିଏକି ଏହାକୁ ଆପଣଙ୍କଠାରୁ ଅନ୍ୟତ୍ର ନେଇ ପାରନ୍ତି। ଏପରି କେହି ହେଲେ ନାହାଁନ୍ତି ଯିଏକି ଆପଣଙ୍କୁ ଏହା ବିଷୟରେ ଅନ୍ୟତ୍ର କିଛି ବୁଝାଇପାରନ୍ତି। ଯେତେବେଳେ ସେହି ଅନୁଭୂତି ଆପଣଙ୍କ ସହିତ ଘଟିତ ହୁଏ, ଆପଣ ଜାଣନ୍ତି ଯେ ସେ କିଏ ଅଟନ୍ତି। ମୋ ପାଇଁ, ସେ ହେଉଛନ୍ତି ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି ଏବଂ ଚିରଦିନ ସମାନ।

110 ଏ କିଏ ଯିଏକି ଏହି ଚମତ୍କାରଗୁଡିକୁ ସାଧନ କରୁଛନ୍ତି? ଏହା କିଏ ଯିଏକି ଏହି ମହାନ କାର୍ଯ୍ୟଗୁଡିକ କରୁଛନ୍ତି? କଅଣ ଏହା ସେହି ପ୍ରଚାରକ କି? କଅଣ ଏହା ଓରାଲ୍ ରୋବର୍ଟସ୍ କି? କଅଣ ଏହା ବିଲି ଗ୍ରାହାମ୍ କି? କଅଣ ଏହା ଜ୍ୟାକ୍ ଶୁଲର୍ କି? ୱିଲିୟମ୍ ବ୍ରାନହାମ୍ କି? ଏହା ଯିଏ କେହି ବି ହୋଇ ଥାଆନ୍ତୁ, ସେମାନଙ୍କର ଏଥିରେ କୌଣସି କରିବାର ନାହିଁ। ସେମାନେ ତ ଉପକରଣମାନ ଅଟନ୍ତି।

111 ଏହା ତ ପବିତ୍ରଆତ୍ମା ଅଟନ୍ତି ଯିଏକି ସୁସମାଚାର ସହିତ, ଚିହ୍ନ ଏବଂ ଚମତ୍କାର ଏବଂ ଆଶ୍ଚର୍ଯ୍ୟ କର୍ମରେ, ଏକ ଲୋକକୁ ପ୍ରସ୍ତୁତ କରିବାକୁ ଆସୁଛନ୍ତି। ସେ ଆସିବେ ବୋଲି ବିଶ୍ଵାସୀମାନଙ୍କର ଆଶା ସହିତ, ବାତାବରଣଟି ଆଶାଗୁଡିକରେ ଚହଳ ପଡି ଯାଇଅଛି।

112 ଏବଂ ଅନ୍ୟମାନେ କହୁଛନ୍ତି, "ଏହି ଉଦ୍ଦୀପନାଗୁଡିକ କାହିଁକି? ଆମ ପାଖରେ ଏଗୁଡିକ କାହିଁକି ରହିଛି? ଆସନ୍ତୁ ଏକ ମଣ୍ଡଳୀ ଭାବରେ ବ୍ୟବସ୍ଥିତ ହୋଇଯିବା।" କାହିଁକି, ଏଠାରେ ତ ଠିକ ଏହି ମଣ୍ଡଳୀଠାରେ ଏହା କୁହାଯାଇଅଛି, ଯେ, ଯେତେବେଳେ ଆମେ ନୂତନ ଗୀର୍ଜାଘର ନିର୍ମାଣ କରିବାକୁ ଆରମ୍ଭ କଲୁ, କହିଥିଲୁ, "ଆମକୁ ଚମତ୍କାରର ଆବଶ୍ୟକତା ନାହିଁ। ଆମକୁ ଏହି ଜିନିଷଗୁଡ଼ିକର ଆଉ ଆବଶ୍ୟକତା ନାହିଁ। ଆପଣଙ୍କୁ ସେଗୁଡିକ ଦରକାର, ସେହି ପ୍ରଚାର କ୍ଷେତ୍ରକୁ ଯାଆନ୍ତୁ ଯେଉଁଠାରେ ସେଗୁଡିକ ଘଟିତ ହୁଏ। ଆମକୁ ସେଗୁଡିକ ଏଠାରେ ଦରକାର ନାହିଁ।" ଯେତେବେଳେ ବ୍ରାନହାମ୍ ଟ୍ୟାବର୍ନାକଲ୍ ସେହି ନିମ୍ନ ସ୍ତରକୁ ଖସିଯାଏ, ଏହା ବିନଷ୍ଟ ଅଟେ।

113 ଏହି ମଣ୍ଡଳୀଟି ଯୀଶୁ ଖ୍ରୀଷ୍ଟଙ୍କ ନୀତି ଏବଂ ଶକ୍ତି ଏବଂ ସୁସମାଚାର ଉପରେ ପ୍ରତିଷ୍ଠିତ ଅଟେ। ଏବଂ ଯେପର୍ଯ୍ୟନ୍ତ ଏହି ଆରାଧନାଳୟ ଛିଡା ହୋଇଥାଏ, ଏହା ହେଉ ଯେ ସେହି ଗୌରବମୟ ପବିତ୍ରଆତ୍ମା ପ୍ରାଣଗୁଡିକୁ, ରକ୍ଷା କରିବା ପାଇଁ, ଏବଂ ପବିତ୍ରଆତ୍ମାରେ ପରିପୂର୍ଣ୍ଣ କରିବା ପାଇଁ, ଏବଂ ରୋଗୀମାନଙ୍କୁ ସୁସ୍ଥ କରିବା ପାଇଁ ବାଟ ପାଆନ୍ତୁ। ମୋ ପାଇଁ, ଏହା ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି।

ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା।

114 ଯଦି ଆପଣ ଜାଣି ନାହାଁନ୍ତି ଯେ ସେ କିଏ, ଆପଣ ଏହା ଜାଣି ନାହାଁନ୍ତି ଯେ ଏହି ସବୁ ଜିନିଷ କେଉଁ ବିଷୟରେ ଅଟେ, ଏବଂ ଆପଣ ଜାଣିବାକୁ ଇଚ୍ଛା କରନ୍ତି, ତାହାହେଲେ କଅଣ

ଆପଣମାନେ ଏତିକି କରିବେ କି ଯେ ନିଜର ହାତକୁ ଉଠାଇବେ? ଏବଂ ହାତ ଉଠାଇବା ଦ୍ୱାରା, ଏହା କହିବେ କି, "ମୋ ପାଇଁ ପ୍ରାର୍ଥନା କରିବେ, ଭାଇ ବ୍ରାନହାମ୍, ଯେପରିକି ମୁଁ ତାହାଙ୍କୁ ଜାଣିବି।" ଏବଂ ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏବଂ ସର୍ବତ୍ର ଚାରିଆଡେ, ମୁଁ ଆପଣଙ୍କର ହାତଗୁଡିକୁ ଦେଖୁଅଛି।

115 ତେବେ, ସ୍ୱର୍ଗୀୟ ପିତା, ଆମେ ଏହି ବାର୍ତ୍ତାକୁ ଆଣୁଅଛୁ, ଏବଂ ଲୋକମାନେ ସେମାନଙ୍କର ହାତଗୁଡିକ ଉଠାଇଥିବାର ଫଳଗୁଡିକୁ ଆଣୁଅଛୁ, ଯେ ସେମାନେ ଜାଣିବାକୁ ଚାହାଁନ୍ତି ଯେ ଏ କିଏ। ସେମାନେ ଏହି ମହାନ ଯୀଶୁଙ୍କ ସହିତ ପରିଚିତ ହେବାକୁ ଚାହାଁନ୍ତି। ଯେପରିକି, ପୁନରୁତ୍ଥାନର, ତାହାଙ୍କର ଆଗମନ, ଏତେ ନିକଟବର୍ତ୍ତି ଅଟେ, ଯେ ଏପରିକି ରୋଗୀମାନେ ସୁସ୍ଥ ହେବାକୁ ଆରମ୍ଭ କରିଛନ୍ତି। ଏବଂ ଏହା ଘଟିବା ପରେ, ତେବେ ଭବିଷ୍ୟତ୍‌ବାଣୀ ମଣ୍ଡଳୀକୁ ଆସିଲା, ତାହାପରେ ଦାନ ବରଦାନ ଏବଂ ଚମତ୍କାରମାନ ଆସିଲା, ବର୍ତ୍ତମାନ ସେହି ଶେଷ ଚିହ୍ନ ପର୍ଯ୍ୟନ୍ତ ଆସିଅଛି। ପରବର୍ତ୍ତୀ ଯାହା ଆସିବ, ତାହା ସ୍ୱର୍ଗାରୋହଣ ଅଟେ, ମଣ୍ଡଳୀ ଉପରକୁ ଉଠାଇ ନିଆଯିବ। ଏବଂ ଆମେମାନେ, ପ୍ରଭୁ, ଯେଉଁମାନେକି ତୁମକୁ ତୁମର ପୁନରୁତ୍ଥାନର ଶକ୍ତିରେ ଜାଣିବାର ଦାବି କରିଅଛୁ, ଆମେମାନେ ଅପେକ୍ଷା କରି ରହିଛୁ, ଏବଂ ଆଶା କରୁଅଛୁ, ଏବଂ ଚିତ୍କାର କରୁଅଛୁ, ଏବଂ ଭିକ୍ଷା କରୁଅଛୁ, "ହେ ପ୍ରଭୁ ଯୀଶୁ, ଆସ!"

116 ପ୍ରଭୁ, ତୁମର ମଣ୍ଡଳୀକୁ ରୂପାନ୍ତରିତ କରି ଶୀଘ୍ର, ଊର୍ଦ୍ଧାନ୍ତିକରଣରେ ନେଇ ଯାଅ। କାରଣ, ଶୀଘ୍ର ହିଁ, ଲୋକମାନେ ଏହି ପୃଥିବୀକୁ ବିସ୍ଫୋଟ କରି ଦେବାକୁ ଯାଉଛନ୍ତି ଯାହାକୁ ତୁମେ ସେମାନଙ୍କର ରହିବା ପାଇଁ ସୃଷ୍ଟି କରିଥିଲ, କାରଣ ସେମାନେ ତୁମକୁ ଅବମାନନା କରିଛନ୍ତି। ସେମାନେ ଶାନ୍ତି ନୁହଁ, ବରଂ ଯୁଦ୍ଧକୁ ଅଧ୍ୟୟନ କରିଛନ୍ତି। ସେମାନେ ଧାର୍ମିକତା ଅଧ୍ୟୟନ କରିନାହାଁନ୍ତି, ମାତ୍ର ସେମାନେ ଦୁଷ୍କର୍ମ ବିଷୟକୁ ଅଧ୍ୟୟନ କରିଛନ୍ତି। ତେବେ କିପରି ସେମାନେ ସମସ୍ତେ କ୍ଷମତା କ୍ଷୁଧିତ ହେବେ ନାହିଁ! ପ୍ରଭୁ, ସେମାନଙ୍କ ହୃଦୟରେ ସେହି ଛୋଟ ସ୍ଥାନ ଯାହାକି ସେମାନଙ୍କୁ କ୍ଷମତା ପାଇଁ କ୍ଷୁଧିତ କରେ, ସେମାନେ ଏହାକୁ କୌଣସିଠାରେ ଏକ ଗବେଷଣାଗାରରେ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି, ଯେପରିକି ନିଜ ସାଥୀଙ୍କୁ ବିସ୍ଫୋଟରେ ଉଡ଼ାଇ ଦିଆଯାଏ।

117 ପରମେଶ୍ୱର, ଯଦି ସେମାନେ କେବଳ ଏହା ହୃଦୟଙ୍ଗମ କରିପାରନ୍ତି ଯେ ସେହି ଶକ୍ତି ଯାହା ସେମାନେ ଚାହାଁନ୍ତି ତାହା ହେଉଛି ପରମେଶ୍ୱରଙ୍କ ପୁତ୍ରଙ୍କର ପୁନରୁତ୍ଥାନର ଶକ୍ତି, ପବିତ୍ରଆତ୍ମାଙ୍କର ଶକ୍ତି ଯାହା ସେମାନଙ୍କର ଜୀବନକୁ ପରିବର୍ତ୍ତନ କରିଦେବ; ରାଷ୍ଟ୍ରଗୁଡ଼ିକୁ ବିସ୍ଫୋରଣ କରିବା ନିମନ୍ତେ ନୁହେଁ, ବରଂ ସେମାନଙ୍କର ଜୀବନକୁ ପରିବର୍ତ୍ତନ କରି ସେମାନଙ୍କୁ ତୁମର ସେବକ କରିବା ପାଇଁ ଅଟେ।

118 ଅନେକ ଲୋକମାନେ, ଜଙ୍ଗଲୀ ଅଭିଳାଷରେ ଆସକ୍ତ ହୋଇ, ସେମାନେ ଆମକୁ "କିଛି ନ ଜାଣିଥିବା" ର ଏକ ଗୋଷ୍ଠୀ ରୂପେ, ଏବଂ—ଏବଂ "ଈଶ୍ୱର ବିରୋଧୀ," ରୂପେ ଚିହ୍ନଟ

କରନ୍ତି, ଯେପରିକି ସେମାନେ ପ୍ରାରମ୍ଭିକ ଦିନରେ କରିଥିଲେ । କିନ୍ତୁ ଯେତେବେଳେ ସେମାନେ ଫେରିଲେ, ସେମାନେ ତୁମକୁ ଧନ୍ୟବାଦ ଦେଇ, ଆନନ୍ଦିତ ହୋଇଥିଲେ ଯେ ସେମାନେ ତୁମର ନାମର ଅପମାନକୁ ବହନ କରିପାରିବେ । ପ୍ରଭୁ, ଆଜି ରାତି, ସବୁଆଡେ, ତାହାହିଁ ତୁମର ସନ୍ତାନମାନଙ୍କର ଅନୁଭବ ଅଟେ । ଆମେମାନେ କେବଳ ଖୁସି ଅଟୁ ।

119 ତୁମର ଦିନର କେତେକେ ତୁମକୁ ଚିହ୍ନିବା ପାଇଁ ଚେଷ୍ଟା କରିଥିଲେ । ସେମାନେ କହିଥିଲେ, "ସେ ସେହି ଜଙ୍ଗଲୀ ବ୍ୟକ୍ତି, ଯୋହନର ଜଣେ ବନ୍ଧୁ, ଯିଏକି ପ୍ରାନ୍ତରରୁ ଅଳ୍ପ ପୋଷାକ ପିନ୍ଧି ଆସିଥିଲେ, କେବଳ ଏକ ପୁରୁଣା ମେଣ୍ଢା ଛାଲ ଗୁଡାଇ ହିଇ ଆସିଥିଲେ । ଜଣେ ଜଙ୍ଗଲୀ ଲୋକ ଯିଏକି ଶବ୍ଦଗୁଡିକୁ, ପୂର୍ବ ଏବଂ ପଶ୍ଚିମରୁ ଫୋପାଡିଥିଲେ, ଏବଂ କହିଥିଲେ, 'ଗଛର ମୂଳରେ କୁରାଢୀ ଲଗାଯାଇଛି ।'" କହିଥିଲେ, "ସେ ତାଙ୍କର ଜଣେ—ଜଣେ ଅନୁଗାମୀ ଅଟନ୍ତି । ସେ ଜଣେ ଜଙ୍ଗଲୀ ବ୍ୟକ୍ତି । ସେ ପାଗଳ ଅଟେ । ତାର ମୁଣ୍ଡ ଖରାପ ହୋଇଯାଇଛି ।" ହେ ପ୍ରଭୁ, ତୁମ ସହିତରେ ରହିଥିବା ସେହି ଅଲୌକିକ ସେବାକାର୍ଯ୍ୟ, ସେମାନଙ୍କର ଆଖିକୁ ଅନ୍ଧ କରି ଦେଇଥିଲା ।

120 ଆଉ ଆଜି ତାହା ପୁଣିଥରେ ସେହିପରି ଅଟେ: ଏହି ମହାନ ପବିତ୍ରଆତ୍ମା ପ୍ରଭୁଙ୍କର ଆଗମନର ଅଗ୍ରଧାବକ ହୋଇ ଆଗରେ ଯାଉଅଛନ୍ତି, ଯେପରିକି ଯୋହନ ତାଙ୍କ ସମୟରେ କରିଥିଲେ, ଯେ ସେହି ଲୋକମାନଙ୍କୁ ଅନ୍ଧ କରନ୍ତି, ଯେଉଁମାନେକି ଦେଖିବାକୁ ଇଚ୍ଛା କରନ୍ତି ନାହିଁ । ମାତ୍ର ଯେଉଁମାନେ ଦେଖିବାକୁ ଇଚ୍ଛା କରନ୍ତି, ତୁମେ ସେମାନଙ୍କୁ ବାଛିଅଛ । "ପିତା ମୋତେ ଯେ ସମସ୍ତଙ୍କୁ ଦେଇଛନ୍ତି ସେମାନେ ମୋ ନିକଟକୁ ଆସିବେ," ତୁମେ କହିଥିଲ, "ଏବଂ ସେମାନଙ୍କ ମଧ୍ୟରୁ କାହାରିକୁ ହରାଇବି ନାହିଁ । ଏବଂ ମୁଁ ତାଙ୍କୁ ଶେଷ ଦିନରେ ଉତ୍ଥାପିତ କରିବି ।" ଏଥିପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ ।

121 ଏବଂ ଯେଉଁମାନେ ଆଜି ରାତି ସେମାନଙ୍କର ହାତ ଉଠାଇଛନ୍ତି, ଆମେମାନେ ପ୍ରାର୍ଥନା କରୁଛୁ, ହେ ପ୍ରଭୁ ପରମେଶ୍ୱର, ଯେ ତୁମେ ଆପଣାକୁ ସେମାନଙ୍କ ନିକଟରେ, ଏକ ଅନୁଭୂତିରେ, ପୁନରୁତ୍ଥାନର ଶକ୍ତିରେ ଜଣାଇବ । ହେ ପ୍ରଭୁ, ଏହାକୁ ପ୍ରଦାନ କର ।

122 ଏବଂ ଅନ୍ୟମାନେ ଏଠାରେ ଥାଇପାରନ୍ତି, ଯେଉଁମାନେକି ସେମାନଙ୍କର ହାତ ଉଠାଇ ନାହାଁନ୍ତି, ମାତ୍ର ତଥାପି, ସେମାନଙ୍କ ହୃଦୟରେ, ସେମାନେ ଜାଣିଥିଲେ ଯେ ସେମାନେ ଏହାକୁ ଆବଶ୍ୟକ କରନ୍ତି । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କୁ ଆଶୀର୍ବାଦ କରିବ, ଏବଂ ସେମାନଙ୍କୁ ସେମାନଙ୍କର ହୃଦୟର ଇଚ୍ଛାକୁ ପ୍ରଦାନ କରିବ ।

123 ଯେତେବେଳେ ଆମେମାନେ ଆଜି ରାତି, ଏହି ଭବନକୁ ଛାଡିବା, ଏହା ହେଉ ଯେ ଆମେ ଭିନ୍ନ ଲୋକ ହୋଇ ବାହାରି ଯାଉ । ଏହା ହେଉ ଯେ ଆମେ ତାହାଠାରୁ ଏକ ଭିନ୍ନ ଉଦ୍ଦେଶ୍ୟ ନେଇ ବାହାରି ଯାଉ ଯାହାକି, ଆମର ଭିତରେ ଆସିବାକୁ ବେଳକୁ ରହିଥିଲା, ଯଦି ଏହା ତୁମର ଈଶ୍ୱରୀୟ ଇଚ୍ଛା ବିରୁଦ୍ଧରେ ଥିଲା । ଏପରି ହେଉ ଯେ ଆମେ ଯଜ୍ଞବେଦୀର ଶିଙ୍ଗକୁ ଧରି ରହିଥିବାର ଏକ ସଂକଳ୍ପ ସହିତ ବାହାରି ଯାଉ, ଯେପର୍ଯ୍ୟନ୍ତକି ଆମର ପ୍ରାଣ

ସେଥିରେ ସନ୍ତୁଷ୍ଟ ନ ହୋଇଯାଏ ଯେ ଆମର ତୁମ ସହିତରେ ଏକ ଅଭିଜ୍ଞତା ରହିଥିଲା, ଏବଂ ଆମେମାନେ ତାହାଙ୍କ ବିଷୟରେ ଜାଣୁ ଯାହା ସହିତ ଆମେମାନେ କଥାବାର୍ତ୍ତା କରୁଅଛୁ, କାରଣ ଆମେମାନେ ତାହାଙ୍କୁ ସାକ୍ଷାତ କରିଅଛୁ ଏବଂ ତାହାଙ୍କୁ ଜାଣିଅଛୁ, ଏବଂ ତାହାଙ୍କ ସହିତ ସହଭାଗୀତା କରିଅଛୁ । ପିତା, ଏହି ବିଷୟସବୁ ପ୍ରଦାନ କର । ରୋଗୀ ଓ ପୀଡ଼ିତମାନଙ୍କୁ ସୁସ୍ଥ କର ।

124 ଆମର ପ୍ରିୟ ଏବଂ ମୂଲ୍ୟବାନ ପାଳକଙ୍କୁ ଆଶୀର୍ବାଦ କର । ହେ ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ତାଙ୍କ ଏବଂ ତାଙ୍କର ପ୍ରିୟ ଭଉଣୀମାନଙ୍କ ସହିତ ରହିବ, ଯେତେବେଳେ ସେମାନେ ସୁସମାଚାର ଗୀତ ଗାନ କରନ୍ତି, ଏବଂ ଏହାକୁ ସେମାନଙ୍କ ରେଡିଓରେ ପ୍ରଚାର କରନ୍ତି ।

125 ଆମ ଫାଟକଗୁଡିକରେ ଥିବା ଅପରିଚିତ ଲୋକମାନଙ୍କୁ ଆଶୀର୍ବାଦ କର । ପ୍ରଭୁ, ଏହା ହେଉ ଯେ ସେମାନେ ଆଜି ରାତିରେ, ସେମାନଙ୍କ ହୃଦୟରେ ଏକ ଉତ୍ତେଜନା ସହିତ, ବାହାରକୁ ଯାଆନ୍ତୁ, ଏବଂ ଏକ ଉଦ୍ଦେଶ୍ୟ ସହିତରେ ଯେ ସେମାନେ, ଏହି ଘଟିକାରୁ, ଯଦି ସେମାନେ ପୂର୍ବରୁ, ତୁମକୁ ଜାଣି ନାହାଁନ୍ତି ଏବଂ ତୁମର ସେବା କରିନାହାଁନ୍ତି, ତେବେ ସେମାନେ ତୁମର ସେବା କରନ୍ତୁ । ଏହା ଜାଣି, ଯେ, "ଅନ୍ୟ ସମସ୍ତ କିଛି ବିଷୟ ନଷ୍ଟ ହୋଇଯିବ, ମାତ୍ର ପ୍ରଭୁଙ୍କର ବାକ୍ୟ ଚିରକାଳ ରହିବ ।" ପିତା, ଏହାକୁ ପ୍ରଦାନ କର ।

126 ଆମର ସମସ୍ତ ପାପଗୁଡିକୁ କ୍ଷମା କର । ଏବଂ ଏହା ହେଉ ଯେ ଆମେମାନେ ସାକ୍ଷାତ କରୁ ସେହି ମହାନ... [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

127 ବର୍ତ୍ତମାନ, ବାର୍ତ୍ତା ପରେ, ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ କେବଳ ନତ କରିବା ଏବଂ ତାହାଙ୍କୁ ଉପାସନା କରିବା, ଯେତେବେଳେ ଆମେମାନେ ତାହାଙ୍କ ନିକଟରେ ଗୀତକୁ ଗାଉ ।

ମୁଁ ତାହାଙ୍କୁ ପ୍ରେମ କରେ,

ଆପଣାର ସମସ୍ତ ହୃଦୟ ସହିତରେ ।

ମୁଁ ତାହାଙ୍କୁ ପ୍ରେମ କରେ
କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ
ଓ କ୍ରୟ କରିନେଲେ ମୋହର ଉଦ୍ଧାରକୁ
କାଲବରୀ ବୃକ୍ଷ ଉପରେ ।

128 କେତେ ଲୋକ ତାହାଙ୍କୁ ପ୍ରକୃତରେ ପ୍ରେମ କରନ୍ତି? ନିଜର ହାତ ଉଠାନ୍ତୁ, ଜଣେ ସାକ୍ଷୀ ଭାବରେ ଏହା କୁହନ୍ତୁ, "ମୁଁ ତାହାଙ୍କୁ ପ୍ରେମ କରେ।" ଓଃ, କଅଣ ସେ ଅଦ୍ଭୁତ ନୁହଁନ୍ତି କି? ଆପଣ ଜାଣନ୍ତି, ମୁଁ ଏହିପରି ଭାବରେ ଯେକୌଣସି ଉପାୟରେ ବି, କେବଳ ତାହାଙ୍କ ଉପସ୍ଥିତିରେ, ବସି କେବଳ ପାନ କରିବାକୁ ଭଲ ପାଏ। ତାହାଙ୍କର ବାକ୍ୟ, ଦିଆ ଯାଇଅଛି, ଏହା ହୃଦୟରେ ପଡ଼ିଅଛି। ଏହା ଆମକୁ ସଂଶୋଧନ କରେ। ଏହା ଆମକୁ ତାହାଙ୍କ ଆତ୍ମାର ଅଧୀନତାରେ ଆଣେ। ସେତେବେଳେ ତାହାଙ୍କୁ ଉପାସନା କରିବା କେତେ ସୁନ୍ଦର ଅଟେ! ବର୍ତ୍ତମାନ, ଯେତେବେଳେ ଆପଣମାନେ ମଣ୍ଡଳୀରୁ ବାହାରି ଯାଆନ୍ତି, ଆଜି ରାତିରେ, ଯାଆନ୍ତୁ, ତାହାଙ୍କୁ ଉପାସନା କରନ୍ତୁ।

129 ଏବଂ ମନେରଖନ୍ତୁ, ଏହି ସପ୍ତାହରେ, ବୁଧବାର ରାତିରେ ଏଠାରେ ଏକ ପ୍ରାର୍ଥନା ସଭା ଅଛି। ରବିବାର, କିମ୍ବା ଶନିବାର ଦିନ, ନଅଟା ବେଳେ, ଡବଲ୍ୟୁ ଏଲ୍ ଆର ପି ରେ ଭାଇ ନେୱିଲଙ୍କ ପ୍ରସାରଣକୁ ଭୁଲିବେ ନାହିଁ। ମୁଁ ତାହାଙ୍କୁ କେବଳ ଶୁଣିବାକୁ ଭଲ ପାଏ, କଅଣ ଆପଣମାନେ ପାଆନ୍ତି ନାହିଁ କି? ସେହି ଚାରିଜଣ, କିମ୍ବା ତିନିଜଣ, କେତେ ସୁନ୍ଦର ଶୁଭାଯାଏ। ପତ୍ନୀ ଏବଂ ମୁଁ, ଓ ପିଲାମାନେ, ଆମେ ସମସ୍ତେ ସେହି ଛୋଟ ରେଡିଓକୁ ବାହାର କରିନେଉ ଏବଂ—ଏବଂ ଏହାର ଚାରିପାଖରେ ରୁଣ୍ଡ ହୋଇଯାଉ, ଭାଇ ନେୱିଲ୍ ଏବଂ ତାଙ୍କର ପ୍ରସାରଣକୁ ଶୁଣିବା ପାଇଁ, ଏବଂ ତାଙ୍କର ଅଦ୍ଭୁତ ଶବ୍ଦଗୁଡିକୁ ଶୁଣିବା ପାଇଁ, ଯେ ସେ କିପରି ପରମେଶ୍ୱରଙ୍କୁ ଭଲ ପାଆନ୍ତି ଏବଂ ବିଶ୍ୱାସ କରନ୍ତି। ଏହାକୁ କୁହନ୍ତୁ ନାହିଁ...

130 ଆପଣ ଏଠାରେ ଅପରିଚିତ ବ୍ୟକ୍ତିମାନେ, ଯଦି ଆପଣଙ୍କର କୌଣସି ମଣ୍ଡଳୀ ଗୃହ ନାହିଁ, ତେବେ ଆସି ଆମ ସହିତ ଯୋଗ ଦିଅନ୍ତୁ। ମୁଁ ଆପଣମାନଙ୍କୁ, ଏହା ଏଇଥି ପାଇଁ କହୁ ନାହିଁ ଯେହେତୁ ସେ ସେଠାରେ ବସିଛନ୍ତି। ନା, ଆଜ୍ଞା। ମୁଁ ଏହାକୁ, ଅନେକ ଥର କହିଅଛି। ମୁଁ ଭାଇ ନେୱିଲଙ୍କୁ ଭଲ ପାଏ। ଏହା ଯେ, ପ୍ରଥମେ, ସେ ଜଣେ ଧର୍ମଶାସ୍ତ୍ରୀ ଅଟନ୍ତି। ପ୍ରଥମ କଥା, ସେ ପରମେଶ୍ୱରଙ୍କ ଜଣେ ସନ୍ତାନ ଅଟନ୍ତି। ପରବର୍ତ୍ତୀ କଥା, ସେ ପ୍ରତିଦିନ ସମାନ ହିଁ ରହନ୍ତି। ମୁଁ ତାଙ୍କୁ ଅନେକ ବର୍ଷ ଧରି ଜାଣିଅଛି। ସେ କଦାପି ଗୋଟିଏ ବିନ୍ଦୁ, ସୁଦ୍ଧା ପରିବର୍ତ୍ତନ ହୋଇ ନାହାଁନ୍ତି। ସେ ଏବେ ସୁଦ୍ଧା ପ୍ରଭୁ ଯୀଶୁଙ୍କର ଜଣେ ସେବକ, ଓର୍ମାନ୍ ନେୱିଲ ହିଁ ଅଟନ୍ତି। ଏବଂ ମୁଁ ଭାବୁଛି ସେ ପାଇଛନ୍ତି...

131 ଅନ୍ୟ ରାତ୍ରିରେ, ମୁଁ ତାଙ୍କୁ ଏହା ପଚାରିବା ପାଇଁ, ଫୋନ୍ ଯୋଗେ କଥା ହେଲି ଯଦି ସେ ତାଙ୍କ କାର୍ଯ୍ୟକ୍ରମରେ, ଏହା ବାଧା ନ ଦିଏ, ଯେ ଆମମାନଙ୍କ ନିମନ୍ତେ ସ୍ଥାନ ହୋଇପାରିବ କି ଯେ ଆମେ ଆସି ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରୁ। ଆଜି ସକାଳେ, କିଛି ଲୋକମାନେ ଆସୁଥିଲେ, ଆପଣ ଜାଣନ୍ତି। ଏବଂ ତାଙ୍କ ଛୋଟ ପତ୍ନୀ ଫୋନରେ ଉତ୍ତର ଦେଲେ, ଏବଂ ମୁଁ ମୋ ପତ୍ନୀଙ୍କ ସହ, ସେଠାରେ ପଛରେ, ତାହା ବିଷୟରେ କଥାବାର୍ତ୍ତା ହେଉଥିଲି।

132 ଏବଂ ଆମେ କିପରି ତାଙ୍କ ସୁନ୍ଦର ଛୋଟ ପତ୍ନୀ ଏବଂ ତାଙ୍କ ପରିବାର ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ। ତାହା ବହୁତ ଉତ୍ତମ ଅଟେ। ଯେତେବେଳେ ଆପଣ

ଜଣେ ସେବକ ଓ ତାଙ୍କ ପତ୍ନୀଙ୍କୁ ସେହିପରି ଭାବରେ, ମଧୁରତା ଏବଂ ନମ୍ରତା ସହିତରେ ଚାଲୁଥିବାର ଦେଖନ୍ତି, ତାହା ମଣ୍ଡଳୀକୁ କେବଳ ସେତିକି ଅଧିକ ଉତ୍ତମ ଭାବରେ ଆଗକୁ ବଢିବାରେ ପ୍ରବର୍ତ୍ତାଇ ଥାଏ । ଦିନ ଗଡିବା ସହିତ ତାହା ଅଧିକ ମଧୁର ହୋଇଥାଏ ।

133 କଅଣ ଆପଣ ତାଙ୍କୁ ସମସ୍ତ ହୃଦୟ ସହିତରେ ପ୍ରେମ କରନ୍ତି? ଠିକ୍ ଅଛି । ଆମମାନଙ୍କର ଏକ ବିସର୍ଜନ ଗୀତଟିଏ ଅଛି ଯାହା ଆମେମାନେ ଗାଇଥାଉ, *ଯୀଶୁଙ୍କ ନାମକୁ ଆପଣା ସହିତ ଘେନି ଚାଲ* । ଭଉଣୀ, ଯଦି ଆପଣଙ୍କ ପାଖରେ ଏହା ବହିରେ ଅଛି, ତେବେ ଆମକୁ ଛୋଟ କୋର୍ଡ ଦିଅନ୍ତୁ । ଏବଂ ଆମେମାନେ ଆମର ବିସର୍ଜନ ଗୀତକୁ ଗାଇବାକୁ ଯାଉଅଛୁ । ଏବଂ ଯେତେବେଳେ ଆମେମାନେ ପ୍ରଥମ ପଦଟିକୁ ଗାନ କରୁ, ଆମେମାନେ ଆଖପାଖରେ ବୁଲି ପଡ଼ି, ଜଣେ ଅନ୍ୟ ସହିତ ପରସ୍ପର ହାତ ମିଶାଇବାକୁ ଚାହୁଁ । ଠିକ୍ ଅଛି । ଆମକୁ କୋର୍ଡ୍ ଦିଅନ୍ତୁ ।

> ...ଆପଣା ସହିତ ଯୀଶୁଙ୍କ ନାମକୁ,
> ହେ ଦୁଃଖ ଓ ସନ୍ତାପର ସନ୍ତାନ;
> ଏହା ତୁମକୁ ଆନନ୍ଦ ଓ ସାନ୍ତ୍ୱନା ପ୍ରଦାନ କରିବ,
> ଆପଣ ଯେଉଁଆଡେ ବି ଯାଆନ୍ତି ଏହାକୁ ଘେନି ଚାଲନ୍ତୁ ।
>
> ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
> ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ; (ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।)
> ବହୁମୂଲ୍ୟ ନାମ, ଓଃ କେତେ ସୁମଧୁର!
> ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ ।

ଆସନ୍ତୁ ବର୍ତ୍ତମାନ ଏହି ପଦଟିକୁ ନେବା:

> ଯୀଶୁଙ୍କ ନାମରେ ନତ ମସ୍ତକ ହେଉଅଛୁ,
> ତାହାଙ୍କର ପାଦ ତଳେ ସାଷ୍ଟାଙ୍ଗ ଭକ୍ତିର ପ୍ରଣତି ଢ଼ାଳି ଦେଉଅଛୁ,
> ସ୍ୱର୍ଗରେ ରାଜାମାନଙ୍କର ରାଜା ରୂପେ ଆମେ ତାହାଙ୍କୁ ମୁକୁଟ ପିନ୍ଧାଇବୁ,
> ଯେତେବେଳେ ଆମର ଯାତ୍ରା ସମାପ୍ତ ହେବ । (କଅଣ ତାହା ଅଦ୍ଭୁତ ନୁହେଁ କି?)
>
> ବହୁମୂଲ୍ୟ...(ବହୁମୂଲ୍ୟ ନାମ!) ଓଃ କେତେ ସୁମଧୁର!
> ପୃଥିବୀର ଆଶା ଓ ସ୍ୱର୍ଗର ଆନନ୍ଦ;
> ବହୁମୂଲ୍ୟ ନାମ, (ବହୁମୂଲ୍ୟ ନାମ!) ଓଃ କେତେ ସୁମଧୁର!
> ପୃଥିବୀର ଭରସା ଏବଂ ଆନନ୍ଦ...

134 କେତେ ଜଣ ଆମର ଛୋଟ ଗୀତଟିକୁ ମନେ ରଖିଛନ୍ତି ଯାହା ଆମେମାନେ ଗାଇଥାଉ, *ପାରିବାରିକ ପ୍ରାର୍ଥନାକୁ ଭୁଲନ୍ତୁ ନାହିଁ* ? କଅଣ ଆପଣଙ୍କର ତାହା ମନେ ଅଛି କି? ମୋର

ନାହିଁ...ଥେଲମା, କଅଣ ତୁମେ ତାହା ଜାଣିଛ କି, କିମ୍ଵା ସେହି କୋର୍ଡଟି, ନା ନାହିଁ? ଆସନ୍ତୁ ଏହାକୁ ଥରେ ଚେଷ୍ଟା କରିବା। କଅଣ ଆପଣଙ୍କର ତାହା ମନେ ନାହିଁ କି? ଆସନ୍ତୁ... ହୋଇପାରେ ଯେ ମୁଁ ଏହାକୁ ଆପଣମାନଙ୍କ ସହିତ ଥରେ ଚେଷ୍ଟା କରିପାରିବି।

ପାରିବାରିକ ପ୍ରାର୍ଥନାକୁ ଭୁଲନ୍ତୁ ନାହିଁ,
ଯୀଶୁ ଆପଣଙ୍କୁ ସେଠାରେ ସାକ୍ଷାତ କରିବାକୁ ଚାହାଁନ୍ତି;
ସେ ଆପଣଙ୍କର ସମସ୍ତ ଯତ୍ନ ତତ୍ତ୍ଵ ନେବେ,
ଓଃ, ପାରିବାରିକ ପ୍ରାର୍ଥନାକୁ ଭୁଲନ୍ତୁ ନାହିଁ।

135 କେତେ ଜଣଙ୍କର ପାରିବାରିକ ପ୍ରାର୍ଥନା ହୁଏ? ତାହା ଉତ୍ତମ ଅଟେ। ଆସନ୍ତୁ ଏହାକୁ ପୁଣିଥରେ ଚେଷ୍ଟା କରିବା। ମୁଁ ତାହାକୁ ଏଠାରେ ନେଇ ଆସିବି। ମୋତେ ତାହା ପସନ୍ଦ କରେ। ବର୍ତ୍ତମାନ ସମସ୍ତେ ଏକାଠି:

ପାରିବାରିକ ପ୍ରାର୍ଥନା ଭୁଲନ୍ତୁ—ଭୁଲନ୍ତୁ ନାହିଁ,
ଯୀଶୁ ଆପଣଙ୍କୁ ସେଠାରେ ସାକ୍ଷାତ କରିବାକୁ ଚାହାଁନ୍ତି;
ସେ ଆପଣଙ୍କର ସମସ୍ତ ଯତ୍ନ ତତ୍ତ୍ଵ ନେବେ,
ଓଃ, ପାରିବାରିକ ପ୍ରାର୍ଥନାକୁ ଭୁଲନ୍ତୁ ନାହିଁ।

136 ହେ ପ୍ରଭୁ, ଏହା ଶାସ୍ତ୍ରରେ ଲିଖିତ ଅଟେ, ଯେ ସେମାନେ ପାଉଲଙ୍କ ଦେହରୁ ରୁମାଲ କିମ୍ଵା ଅଙ୍ଗରଖାଗୁଡିକୁ ନେଇଥିଲେ, ଆଉ ଅଶୁଚି ଆତ୍ମାଗୁଡିକ ଲୋକମାନଙ୍କୁ ଛାଡି ଚାଲି ଯାଇଥିଲା, ଏବଂ ରୋଗଗୁଡିକ ଭଲ ହୋଇଥିଲା। ହେ ପ୍ରଭୁ, ଆମେମାନେ ପ୍ରାର୍ଥନା କରୁଛୁ ଯେ, ଠିକ ସେହିପରି ଭାବରେ, ଆଜି ରାତିରେ, ସେମାନଙ୍କ ଉପରେ ଏହା ପ୍ରଦର୍ଶିତ କରାଯାଉ, ଯେତେବେଳେକି ମୁଁ ସେଗୁଡିକୁ ପ୍ରୟୋଜନୀୟ ଲୋକମାନଙ୍କ ଏବଂ ରୋଗୀମାନଙ୍କ ନିକଟକୁ ପଠାଉ ଅଛି। ରାଷ୍ଟ୍ରର କୌଣସି ସ୍ଥାନରେ, କେହି ଜଣେ ଆଶା କରୁଛନ୍ତି ଏବଂ ଏହା ଘଟିବାର ଅପେକ୍ଷାରେ ଅଛନ୍ତି। ପିତା, ମୁଁ ପ୍ରାର୍ଥନା କରେ, ଯେ ତୁମେ ଏହାକୁ ତୁମର ପୁତ୍ର, ଯୀଶୁଙ୍କ ନାମରେ ପ୍ରଦାନ କରିବ। ଆମେନ୍।

137 ବର୍ତ୍ତମାନ ମୁଁ ପଚାରିବାକୁ ଯାଉଅଛି, ଯେତେବେଳେକି ଆମେମାନେ ଆମର ମସ୍ତକଗୁଡିକ ନତ କରିଥାଉ, ଯଦି ଚର୍ଚ୍ଚ ଅଫ ଗଡ୍‌ରୁ, ଆମର ବହୁମୂଲ୍ୟ ଭାଇ ସ୍ମିଥ୍ ସେଠାରେ, ଯାହାଙ୍କୁ ଆମେମାନେ ଠିକ୍ ଏଠାରେ ଆମର ଭାଇ ନେଭିଲ୍‌ଙ୍କ ପରି, ଜଣେ ବିଶ୍ୱସ୍ତ, ସଚ୍ଚୋଟ, ପରମେଶ୍ୱରଙ୍କ ସେବକ ଭାବରେ ପାଇଅଛୁ, ମୁଁ ତାଙ୍କୁ ଆପଣମାନଙ୍କ ଉପରେ ଆଶୀର୍ବାଦ ମାଗିବା ପାଇଁ କହିବାକୁ ଯାଉଅଛି, ଯେପରିକି ତାହା ଆସନ୍ତା ସପ୍ତାହ ସାରା ଜାରି ରହିଥାଏ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଯେପର୍ଯ୍ୟନ୍ତକି ଆମେ ପୁନର୍ବାର ସାକ୍ଷାତ ନ କରୁ। ଭାଇ ସ୍ମିଥ୍।

[ଭାଇ ସ୍ମିଥ୍ ପ୍ରାର୍ଥନା କରନ୍ତି—ସମ୍ପା।] ହଁ, ପ୍ରଭୁ। ହେ ପ୍ରଭୁ, ଏହାକୁ ପ୍ରଦାନ କର। ହଁ। ହଁ। ହଁ। ହଁ। ଆମେନ୍।

138 ପରସ୍ପର ସହିତ ହାତ ମିଶାନ୍ତୁ । ଆରାଧନାଳୟରେ ପୁନର୍ବାର ସ୍ୱାଗତ ଅଛି । ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ଏ କିଏ?** ORI59-0510E

(Who Is This?)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ମଇ 10, 1959, ରବିବାର ସନ୍ଧ୍ୟା, ମାତୃ ଦିବସରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.


For more information or for other available material, please contact:


Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org